



## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ସଫଳତା ନିମନ୍ତେ ପ୍ରସ୍ତୁତି ବୈଠକ

ମହାକାଳପଡା,୩।୧୨(ଡି.ଏନ୍.ଏ.)- ଆସନ୍ତା ୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାକାଳପଡା ବ୍ଲକ ଗସ୍ତ କରୁଛନ୍ତି। ସେ ବ୍ଲକ ଅନ୍ତର୍ଗତ ପେଟ୍‌ଛେଲା ପଞ୍ଚାୟତର କୋଟିଲା-ସରୁମୁହିଁ ରେଡ୍‌କ୍ରସ ପଡିଆରେ ଏକ ବୃହତ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ମୁଖମନ୍ତ୍ରୀଙ୍କ ଏହି ଗସ୍ତକୁ ସଫଳ କରିବା ପାଇଁ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଅଧକ୍ଷତାରେ ଏକ ପସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଜନସାଧରଣ ସାମିଲ ହେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ସଭାସ୍ଥଳ ଓ ହେଲିପ୍ୟାଡ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ରେଡ୍‌କ୍ରସ ପଡିଆରେ ପହଞ୍ଚି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ପ୍ରସ୍ତୁତି ବୈଠକରେ ବ୍ଲକ ବିଜେଡି ସଭାପତି ଶୀଧର ସାମଲ,ଅଶୋକ ମହାପାତ୍ର, ସଞ୍ଜୟ ଲେଙ୍କା, ଗଙ୍ଗାଧର ପରିଡା ଓ ପ୍ରଫୁଲ୍ଲ ଦାସ ପ୍ରମୁଖ ସାମିଲ ହୋଇଥିଲେ।

### ଭିନ୍ନକ୍ଷମମାନେ ଅକ୍ଷମ ନୁହନ୍ତି, ସକ୍ଷମ



ପାଟକୁରା/ ରାଜନଗର, ୩।୧୨ (ଡି.ଏନ୍.ଏ.): ଭିନ୍ନକ୍ଷମ ମାନେ ଅକ୍ଷମ ନୁହଁନ୍ତି ସେମାନେ ସବୁକ୍ଷେତ୍ରରେ ସକ୍ଷମ। ସେମାନେ ଦୃଢମନା ହେଲେ ସବୁକ୍ଷେତ୍ରରେ ସଫଳତାର ଶୀର୍ଷରେ ପହଞ୍ଚିବେ ବୋଲି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ରବିବାର ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରାଜନଗର ବ୍ଲକ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜନଗର ବିଡିଓ ମନ୍ଦରଧର ମହାଲିକ ଅଧକ୍ଷତା କରିଥିଲେ। ରାଜନଗର ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ ମୁଖ୍ୟଅତିଥି ଏବଂ ସମିତିସଭ୍ୟ ସତ୍ୟବାନ ସେଠୀ, ପାରେଶ୍ୱର ନାୟକ, ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ସିଦ୍ଧେଶ୍ୱର ଚମ୍ପତିରାୟ ଭିନ୍ନକ୍ଷମମାନେ ସରକାରୀ ଋଣ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଥିଲେ। ବିଶ୍ୱଭୂଷଣ ଭୂୟାଁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧର୍ମେନ୍ଦ୍ର କୁମାର ଦାସ ଓ ସାମାଜିକ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରସାଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ଗରଦପୁର ବ୍ଲକ ସଭାଗୃହରେ ଭିନ୍ନକ୍ଷମଙ୍କ ପାଇଁ ଇଭିଏମ୍ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ବିଡିଓ ଧରଣୀଧର ବେହେରା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ପାର୍ବତୀ ବାରିକ, ସାମାଜିକ ଶିକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ପ୍ରଗତୀ ସହାୟକ ପ୍ରମୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବ୍ଲକ ଅଞ୍ଚଳର ଭିନ୍ନକ୍ଷମମାନଙ୍କୁ ଇଭିଏମ୍ ଯୋଗେ କିପରି ଭୋଟ୍ ଦିଆଯିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା।






■ ପଟ୍ଟାମୁଣ୍ଡାଇ-ରାଜନଗର ଧାନ କିଣା ଦୁର୍ନୀତି

# ସୂର୍ଯ୍ୟଙ୍କୁ ଅଂଶୁମାନଙ୍କ ଲିଗାଲ ନୋଟିସ

**କ୍ଷମା ନ ମାଗିଲେ କରିବେ ମାନହାନି ମାମଲା**

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ପଟ୍ଟାମୁଣ୍ଡାଇ, ରାଜନଗର ନିର୍ବାଚନ ମଣ୍ଡଳୀରେ ଧାନ କିଣା ଦୁର୍ନୀତି ବେଳକୁବେଳ ସରଗରମ ହେବାରେ ଲାଗିଛି। ଏହି ଦୁର୍ନୀତିକୁ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଗଣମାଧ୍ୟମରେ ଦେଇଥିବା ବୟାନକୁ ରାଜନଗର କଂଗ୍ରେସ ବିଧାୟକ ଅଂଶୁମାନ ମହାନ୍ତି କଡ଼ା ବିରୋଧ କରିଛନ୍ତି। ତାଙ୍କ ବିରୋଧରେ ଓ ପରିବାର ସଦସ୍ୟଙ୍କ ବିରୋଧରେ ପାତ୍ର ଆଣିଥିବା ଅଭିଯୋଗକୁ ଅଂଶୁମାନ ଖଣ୍ଡନ କରିବା ସହ ମନ୍ତ୍ରୀଙ୍କ ବିରୋଧରେ ମାନହାନି ମକଦ୍ଦମା କରିବାକୁ ସୋମବାର ଲିଗାଲ ନୋଟିସ ପଠାଇଛନ୍ତି। ଅଂଶୁମାନ କହିଛନ୍ତି ଯେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ମନ୍ତ୍ରୀ ଏଭଳି ମନଗଢ଼ା କଥା କହିଛନ୍ତି। ଡିସେମ୍ବର ୧ରେ ମନ୍ତ୍ରୀ ଧାନକିଣା ଦୁର୍ନୀତି ସମ୍ପର୍କରେ ଗଣମାଧ୍ୟମକୁ କହିଥିଲେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ, ରାଜନଗରରେ ଯେଉଁ ଧାନ କିଣା ଦୁର୍ନୀତି ହୋଇଛି ସେଥିରେ ଅଂଶୁମାନଙ୍କ ପରିବାରର ସଦସ୍ୟମାନେ ସମ୍ପୃକ୍ତ ଅଛନ୍ତି। ମନ୍ତ୍ରୀଙ୍କ ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମନଗଢ଼ା। ଧାନକିଣା ଦୁର୍ନୀତି ବିଷୟକୁ ମୁଁ ବିଧାନସଭା ଭିତରେ ଓ ବାହାରେ ଉଠାଇ ଲୋକଲୋଚନକୁ ଆଣିଥିଲି। କେନ୍ଦ୍ରାପଡ଼ା ଜିଲା ବିଜେଡି ସଭାପତି ମାର୍କଫେଡ଼ ଅଧିକାରୀଙ୍କୁ ପ୍ରଭାବିତ କରି ନ କଲି ଚାଷୀମାନଙ୍କ ଠାରୁ ଧାନ କିଣିବା ପାଇଁ ଚାପ ପ୍ରୟୋଗ କରିଥିଲେ। ଏହି ଘଟଣାକୁ ମୁଁ ଦୁଇଥର ଗୃହର ଦୃଷ୍ଟି ଆକର୍ଷଣ କରିଥିଲି। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ଲିଖିତ ଆକାରରେ ଜଣାଇଥିଲି। ସରକାର ମଧ ଏହି ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାବଶାଳୀ ନେତାମାନେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ପ୍ରାଥମିକ ତଦନ୍ତ ରିପୋର୍ଟରୁ ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ସିଏଜି ଏହି ଘଟଣାର ତଦନ୍ତ କରିଥିଲେ। ଏପର୍ଯ୍ୟନ୍ତ ସିଏଜିଙ୍କ ବୃତ୍ତାନ୍ତ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହୋଇ ନାହିଁ। ତେବେ କେଉଁ ଆଧାରରେ ସରକାରଙ୍କ ଜଣେ ବରିଷ୍ଠ ମନ୍ତ୍ରୀ ଏଭଳି ତାହା ମିଛ କହିଛନ୍ତି ବୋଲି ଅଂଶୁମାନ ପ୍ରଶ୍ନ ଉଠାଇଛନ୍ତି। ବିଜେଡି ଜିଲା ସଭାପତିଙ୍କୁ ଘଣ୍ଟ ଘୋଡ଼ାଇବାକୁ ମନ୍ତ୍ରୀ ଏଭଳି ଅସତ୍ୟ ମନ୍ତବ୍ୟ ଦେଇଛନ୍ତି । ମନ୍ତ୍ରୀ ପାତ୍ର ମୋ ବିରୋଧରେ ଆଣିଥିବା ଅଭିଯୋଗ ପ୍ରମାଣ କରନ୍ତୁ ବୋଲି ଅଂଶୁମାନ ଚ୍ୟାଲେଞ୍ଜ କରିଛନ୍ତି। କେଉଁ ସିଏଜି ରିପୋର୍ଟରେ ଉଲ୍ଲେଖ ରହିଛି ତାହା ପ୍ରମାଣିତ କରନ୍ତୁ। ଯଦି ପ୍ରମାଣ କରି ଦେବେ ସବୁଦିନ ପାଇଁ ସେ ରାଜନୀତି ଛାଡ଼ି ଦେବେ ବୋଲି କହିଛନ୍ତି। ଯଦି ପ୍ରମାଣିତ ନ କରି ପାରିବେ ତେବେ ମନ୍ତ୍ରୀ ନିଜେ ରାଜନୀତିରୁ ସନ୍ନ୍ୟାସ ନେବାକୁ ପ୍ରସ୍ତୁତ ହୁଅନ୍ତୁ। ପାତ୍ର ମୋର ଭାବମୂର୍ତ୍ତିକୁ ଜନମାନସରେ କ୍ଷୁଣ୍ଣ କରିଛନ୍ତି। ଏ ନେଇ କ୍ଷମା ପ୍ରାର୍ଥନା କରନ୍ତୁ ନଚେତ୍ ମନ୍ତ୍ରୀଙ୍କ ନାମରେ ମାନହାନି ମକଦ୍ଦମା କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।




ଶିବିରରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

ମିଳିତ ଜନଶୁଣାଣି ଶିବିର

## ୪୦୩ ଅଭିଯୋଗ ଶୁଣାଣି

କେନ୍ଦ୍ରାପଡା ଅଫିସ, ୩।୧୨

ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୦୩ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରୁ ୩୯୬ ବ୍ୟକ୍ତିଗତ ଓ ଅବଶିଷ୍ଟ ସାମୂହିକ ଅଭିଯୋଗ ଥିଲା। ଜିଲାପାଳ ଦାଶରଥି ଶତପଥୀ ଓ ଏସପି ନୀତିଶେଖରଙ୍କ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଏଡିଏମ୍ ବସନ୍ତ କୁମାର ରାଉତ, ପିଡି ଦିଲିପ କୁମାର ପରିଡା, ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ହୋଇଥିବା ବ୍ୟକ୍ତିଗତ ଅଭିଯୋଗଗୁଡିକ ମଧ୍ୟରେ ବାସଗୃହ ଯୋଜନାରେ ଅନିୟମିତତା, ପାନୀୟ ଜଳ ସମସ୍ୟା, ଜମି ଚିହ୍ନଟ, ରିଲିପ ପାଣ୍ଠିରୁ ସହାୟତା, ଇନ୍ଦିରା ଆବାସ ଯୋଜନା ଓ ଭତ୍ତା ଆଦି ପ୍ରମୁଖ ଥିଲା। ସେହିପରି ସୁଷମ ବଣ୍ଟନ ବ୍ୟବସ୍ଥା, ରାସ୍ତା ଜବରଦଖଲ ହଟାଇବା, ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟରେ ଅର୍ଥହଡପ ଆଦି ସାମୁହିକ ଅଭିଯୋଗ ହୋଇଥିଲା।



ସଭାରେ ଜିଲାପାଳ ଦାଶରଥି ଶତପଥୀ ଓ ଅନ୍ୟମାନେ।

## ଜିଲାସ୍ତରୀୟ ଭିନ୍ନକ୍ଷମ ଦିବସ

କେନ୍ଦ୍ରାପଡା ଅଫିସ, ୩।୧୨

ଜିଲାସ୍ତରୀୟ ଭିନ୍ନକ୍ଷମ ଦିବସ ସହରର ଟାଉନହଲ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ବିଭାଗ, ଜିଲା ଆଇନ ସେବା ପ୍ରାଧିକରଣ, ସର୍ବଶିକ୍ଷା ଅଭିଯାନ, ନେଚର୍ସ କ୍ଲବ ଓ ସହରର ୨ ବ୍ୟାଙ୍କ ଶାଖାର ମିଳିତ ଆନୁକୂଲ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ଜିଲାପାଳ ଦାଶରଥି ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏସପି ନୀତିଶେଖର, ଏଡିଏମ ବସନ୍ତ କୁମାର ରାଉତ, ପିଡି ଦିଲୀପ କୁମାର ପରିଡା, ସିଡିଏମଓ ଡା. ବୈଷ୍ଣବ ଚରଣ ସାହୁ ଓ ଡିଇଓ କଳ୍ପନା ବେହେରା ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ଅତିଥିମାନେ ଭିନ୍ନକ୍ଷମର କାରଣ ଓ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭନ୍ନ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବ୍ଲକ ଓ ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶାରୀରିକ ଅକ୍ଷମହୋଇ ମଧ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରି ରାଜ୍ୟସ୍ତରରେ ବହୁବାର ପୁରସ୍କୃତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ଓ ପୁନର୍ବାସ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ବଟକୃଷ୍ଣ ବାରିକ, କୁମାରୀ ଉର୍ବଶୀ ଦାସ, ବରଜ କୁମାର ଦାସ, ସସ୍ମିତା ସ୍ୱାଇଁ, ସଞ୍ଜୟ କୁମାର ବାରିକ, ସୁକାନ୍ତ କୁମାର ସାହୁ, ଗଜେନ୍ଦ୍ର କୁମାର ସେଠି, ଅନ୍ତ କୁମାର ସାହୁ,ଚିନ୍ମୟୀ ନାୟକ, ରବୀନ୍ଦ୍ରନାଥ ସ୍ୱାଇଁ ଓ ମହେଶ୍ୱତା ସ୍ୱାଇଁ ପ୍ରମୁଖ ଥିଲେ। ସେହିପରି କାର୍ଯ୍ୟକ୍ରମରେ ପବିତ୍ର ଖୁଣ୍ଟିଆ ଓ ନିବେଦିତା ଖୁଣ୍ଟିଆ, ସୁଜିତ କୁମାର ରାଉତ ଓ ରେଖା ନାୟକ, ଶକ୍ତି ପ୍ରସାଦ ସେଣ ଓ ସନ୍ତୋଷୀ ରାଉତ, ରଞ୍ଜନ କୁମାର ଜ୍ୟୋତି ଓ ନମିତା ସାହୁ, ବିଜୟ କୁମାର ଜେନା, ପ୍ରମୋଦ ସ୍ୱାଇଁ ଓ ଧନଞ୍ଜୟ ପରିଡାଙ୍କୁ ମଧ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଡ. ବିରଜା ପ୍ରସାଦ ରାଉତରାୟଙ୍କ ଅନୁବାଦିତ ଭିନ୍ନକ୍ଷମ ଅଧିକାର ଅଧିନିୟମ ୨୦୧୬ ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପରିଚାଳନା କରିଥିଲେ।

### ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୩।୧୨ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡ଼ିହାପଡ଼ା ପଞ୍ଚାୟତର ତେଲଙ୍ଗାବସନ୍ତ ଗ୍ରାମରେ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀର ପଞ୍ଚାୟତ ସଭାପତି ରଶ୍ମି ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ କିଶୋର ତରାଇ, ମୁଖ୍ୟବକ୍ତାଭାବେ ଜିଲା ପରିଷଦ ଅଧକ୍ଷ ମାନସରଞ୍ଜନ ପରିଡ଼ା, ସମ୍ମାନିତ ଅତିଥିଭାବେ ଦୈତାରୀ ପରିଡ଼ା, ବୈରାଗୀ ଚରଣ ରାଉତ, ଜିତାମଣୀ ସ୍ୱାଇଁ, ମଥୁରା ନନ୍ଦ ଘଡ଼ାଇ, ଶରତ ଚନ୍ଦ୍ର ପ୍ରଧାନ, ନିଗମାନନ୍ଦ ପରିଡ଼ା ଓ ଉତ୍ତମ ପ୍ରଧାନ ଯୋଗ ଦେଇଥିଲେ।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

**ପଟ୍ଟାମୁଣ୍ଡାଇ, ୩।୧୨ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକର ୧୬ନଂ ଜୋନ୍‌ରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ କାନନବାଳା ଦାସ, ସାଧାରଣ ସମ୍ପାଦିକା ଗୀତାଞ୍ଜଳୀ ସେଠୀ, ଉପସଭାନେତ୍ରୀ ଉର୍ମିଳା ସେଠୀ, ଶଙ୍କର ସେଠୀ, ରତ୍ନାକର ସେଠୀ, ରାହସ ବିହାରୀ ଦାଶଙ୍କ ନେତୃତ୍ୱରେ କର୍ମୀମାନେ ନରସିଂହପୁର ପଞ୍ଚାୟତରେ ପଦଯାତ୍ରା କରି ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ।

■ ଜିଲାସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ

## ଧର୍ମଶାଳା ଆଥଲେଟିକ ଟିମ୍ ଚାମ୍ପିୟନ

ଡେରାବିଶ, ୩।୧୨ (ସ୍ୱ.ପ୍ର.)



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଡେରାବିଶ ବ୍ଲକ ହରିଅଙ୍କ ଖେଳ ପଡ଼ିଆରେ ଜୟଦୁର୍ଗା ଫୁଟବଲ ଆସୋସିଏଶନ୍ ଆନୁକୁଲ୍ୟରେ ଆୟୋଜିତ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଉଦ୍‌ଯାପନୀ ଅବସରରେ ଆୟୋଜିତ ଫାଇନାଲ ମ୍ୟାଚ୍‌ରେ ଧର୍ମଶାଳା ଟିମ୍ ଚାମ୍ପିୟନ ହୋଇଛି। ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଟର୍ନାମେଣ୍ଟରେ ମୋଟ ୮ ଟିମ୍ ଭାଗ ନେଇଥିଲେ। ରବିବାର ଉଦ୍‌ଯାପନୀ ଅବସରରେ ଜଗତସିଂହପୁର ଜିଲା କୁଜଙ୍ଗ ଆଥଲେଟିକ୍ କ୍ଲବ ଓ ଯାଜପୁର ଧର୍ମଶାଳା ଆଥଲେଟିକ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଧର୍ମଶାଳା ଆଥଲେଟିକ୍ କ୍ଲବ କୁଜଙ୍ଗକୁ ୨-୦ଗୋଲରେ ପରାଜିତ କରି ଚାମ୍ପିୟନ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଜୟଦୁର୍ଗା ଫୁଟବଲ୍ ଆସୋସିଏଶନ ସଭାପତି ନୃସିଂହ ଚରଣ ନାୟକ ଅଧକ୍ଷତା କରିଥିଲେ। ଏଥିରେ ଡେରାବିଶ ବ୍ଲକ ଅଧକ୍ଷ ସରୋଜ କୁମାର ସାହୁ ମୁଖ୍ୟଅତିଥି, ଶିକ୍ଷାବିତ୍ ନାରାୟଣ ମିଶ୍ର, କ୍ରୀଡ଼ାବିତ୍ ଅନନ୍ତ କିଶୋର ପରିଡ଼ା, ହରିଅଙ୍କ ସମିତିସଭ୍ୟ ରଘୁନାଥ ଶତପଥୀ, ସରପଞ୍ଚ ଯୁଗଳ କିଶୋର ମହାନ୍ତି, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ପାଦକ ଶ୍ରୀଧର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶ୍ୱରଞ୍ଜନ ସାମଲ, ସୁଶାନ୍ତ ସାହୁ, ଆଲୋକ ସାମଲ, ସୌଭାଗ୍ୟ କୁମାର ସ୍ୱାଇଁ, ରାମଚନ୍ଦ୍ର ସେଠୀ, ଅଞ୍ଜନ ମହାନ୍ତି, କାଳନ୍ଦୀ ମଲିକ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଆସୋସିଏଶନ୍‌ର ବରିଷ୍ଠ ସଦସ୍ୟ ଅଧାପକ ପ୍ରଦୀପ କୁମାର ଜେନା ସଭା ସଂଯୋଜନା କରିଥିବା ବେଳେ ସାମାଜିକ କର୍ମୀ ଜନ୍ମେଜୟ ଜେନା ଧନ୍ୟବାଦ ଦେଇଥିଲେ।

### ୬ରୁ ଦଳିତ ଅଧିକାର ଯାତ୍ରା

ଆଳି, ୩।୧୨ (ଡି.ଏନ୍.ଏ.)

ସମ୍ବିଧାନର ପ୍ରଣେତା ବାବା ସାହେବ ଡା. ଭିମରାଓ ଆମ୍ବେଦକରଙ୍କ ତିରୋଧାନ ଦିବସ ଅବସରରେ ଆସନ୍ତା ୬ତାରିଖଠାରୁ ୨ଦିନ ଧରି ଦଳିତ ମୁକ୍ତ ସଂଗଠନ ପକ୍ଷରୁ ଦଳିତ ଅଧିକାର ଯାତ୍ରା ଅନୁଷ୍ଠିତ ହେବ। ଗୁରୁବାର ଏହି ଯାତ୍ରା ଆଳି ବ୍ଲକ ଭୁଇଁପୁରଠାରୁ ବାହାରି କଳସପୁର, ସାନମଙ୍ଗ, ଅମୃତମଣୋହି, ଦାଣ୍ଡିସାହି, ଚଉଦକୁଳାଟ, ଗଗୁଆ, ବାରୁଅ, ଗରାପୁର, ତିନିମୁହାଣି ଅତିକ୍ରମ କରି ଶୁକ୍ରବାର ସନ୍ଧ୍ୟାରେ କେନ୍ଦ୍ରାପଡା ପୁରୁଣା ବସଷ୍ଟାଣ୍ଡସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି। ସେଠାରେ ଦୀପଦାନ କାର୍ଯ୍ୟକ୍ରମ ରହିଛି। ଏହି ଯାତ୍ରାକୁ ସଫଳ କରାଇବା ପାଇଁ 'ଦଳିତ ମୁକ୍ତ ସଂଗଠନ'ର ରାଜ୍ୟ ସଭାପତି ଆଡଭୋକେଟ ମାନସ କୁମାର ମଲିକ ଏକ ପ୍ରେସ ବିବୃତି ମାଧମରେ ଅନୁରୋଧ କରିଛନ୍ତି।


INDIAN PORT RAIL CORPORATION LTD
(A Govt. Of India Enterprise)
Under Ministry of Shipping

"Carting Of Concrete Sleepers From Kaipadar Road Station of East Coast Railway To Paradip Port"
Tender No. : IPRCL/BBS/T/PPT-BOT/2
DT 01/12/2018
OPEN TENDER, Estimated cost Rs 108 Lakh, Date of Opening 08-01-2019 For details, please visit **www.iprcl.org**


## ଅଲିଭରିଡ୍‌ଲେଙ୍କ ଆଗମନରେ ଗହୀରମଥା ଚଳଚଞ୍ଚଳ

ରାଜନଗର, ୩।୧୨ (ଡି.ଏନ୍.ଏ.)



ବେଳାଭୂମିରେ ଅଲିଭରିଡଲେ କଇଁଛ।

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳ ଏବେ ଅଲିଭରିଡ୍‌ଲେଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠିଛି। ପ୍ରତିବର୍ଷ ଭଳି ନଭେମ୍ବରରୁ ଲକ୍ଷ ଲକ୍ଷ ଅଲିଭରିଡ୍‌ଲେ କଇଁଛ ସମୁଦ୍ର ପଥରେ ଯୋଜନ ଯୋଜନ ପଥ ଅତିକ୍ରମ କରି ଏଠାକୁ ଅଣ୍ଡାଦେବା ଲାଗି ଆଗମନ କରିଛନ୍ତି। ଏବେ ସେମାନଙ୍କ ମିଳନ ପ୍ରକ୍ରିୟା ଚାଲିଥିବା ବେଳେ ଆଉ କିଛିଦିନ ପରେ ମାଈ କଇଁଛମାନେ ଅଣ୍ଡାଦାନ କରିବେ। ବିସ୍ତୀର୍ଣ୍ଣ ବାଲୁକା ରାଶିରେ ୪ ରୁ ୫ ଫୁଟ ପର୍ଯ୍ୟନ୍ତ ଗାତ ଖୋଳି ସେଠାରେ ପ୍ରାୟ ୮୦ ରୁ ୧୦୦ ପର୍ଯ୍ୟନ୍ତ ଅଣ୍ଡାଦାନ କରିବେ । ଏହାପରେ ମାଈ କଇଁଛ ସମୁଦ୍ର ପଥରେ ପୁନର୍ବାର ଗଭୀର ସମୁଦ୍ରକୁ ଫେରିଯାଉଥିବା ବେଳେ ଅଣ୍ଡାରୁ ଛୁଆ ଫୁଟିବା ପରେ ଶାବକମାନେ ମା'ଙ୍କ ପଦାଙ୍କ ଅନୁସରଣ କରିଥାନ୍ତି। ଏବେ ମାଈ ଓ ପୁରୁଷ କଇଁଛ ମିଳନ ପ୍ରକ୍ରିୟାରେ ନିମଗ୍ନ ଥିବାରୁ ବିଶାଳ ନୀଳ ଜଳରାଶୀରେ ଯୋଡି ଯୋଡି ହୋଇ ଭାସୁଥିବାର ଦେଖିବାକୁ ମିଳୁଛି। ଏମାନଙ୍କ ସୁରକ୍ଷା ପାଇଁ ସମୁଦ୍ରକୂଳଠାରୁ ୨୦ କିଲୋମିଟର ଭିତରକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ରାଜନଗର ବନବିଭାଗ, ତଟରକ୍ଷୀ ବାହିନୀ ଓ ମତ୍ସ୍ୟବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳରେ ମିଳିତ ଭାବେ ପାଟ୍ରୋଲିଂ କରାଯାଉଛି। ଟ୍ରଲରଗୁଡିକ ଉକ୍ତ ଅଞ୍ଚଳରେ ପ୍ରବେଶ ନ କରିବା ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏତେ କଟକଣା ସତ୍ତ୍ୱେ ନଭେମ୍ବରରୁ ଏବେସୁଦ୍ଧା ପ୍ରାୟ ୩୦ଟି ଟ୍ରଲର ସହ ୨୩୦ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ୧୯୯୮ରେ ଗହୀରମଥାକୁ ରାଜ୍ୟର ପ୍ରଥମ ସାମୁଦ୍ରିକ ଅଭୟାରଣ୍ୟ ଭାବେ ଘୋଷଣା କରିବା ପରେ ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ପକ୍ଷରୁ ଅଲିଭରିଡଲେଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

## ଶଟର କାଟି ଲୁଗା ଦୋକାନ ଲୁଟ୍

ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ପଟ୍ଟାମୁଣ୍ଡାଇ, ୩।୧୨ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଥାନା ତଥା ଚଉଦକୁଳାଟ ଫାଣ୍ଡି ଅଧୀନ ଅଳପୁଆ ଗ୍ରାମର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଚନ୍ଦନ କ୍ଲଥ୍ ଷ୍ଟୋର୍ ନାମକ ଏକ ଲୁଗା ଦୋକାନରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନର ଶଟର କାଟି ଲକ୍ଷାଧିକ ଟଙ୍କାର ଲୁଗା, ଡ୍ରେସ ଓ ନଗର ଟଙ୍କା ଲୁଟି ନେଇଛନ୍ତି। ସୋମବାର ସକାଳେ ଗ୍ରାମର କେତେଜଣ ଲୋକ ଦୋକାନ ସାମନାରେ ନୂଆ ଲୁଗାର ଖୋଳଗୁଡିକ ବିକ୍ଷିପ୍ତ ହୋଇ ପଡ଼ିଥିବା ଦେଖି ମାଲିକଙ୍କୁ ଖବର ଦେଇଥିଲେ । ଖବରପାଇ ମାଲିକ ରାଜେନ୍ଦ୍ର ସାହୁ ଚଉଦକୁଳାଟ ଫାଣ୍ଡିରେ ସୋମବାର ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ପଞ୍ଚାନନ ମିଶ୍ର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଲୁଟ୍ ହୋଇଥିବା ସମ୍ପତିର ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ମାଲିକ ରାଜେନ୍ଦ୍ର କହିଛନ୍ତି। ଏହି ଘଟଣା ପରେ ଅଳପୁଆ ପଞ୍ଚାୟତବାସୀ ଭୟଭୀତ ହୋଇପଡିଛନ୍ତି। ଲୁଟେରାଙ୍କୁ ତୁରନ୍ତ ଗିରଫ କରିବା ସହ ଅଞ୍ଚଳରେ ପାଟ୍ରୋଲିଂ କଡାକଡି କରିବା ପାଇଁ ସେମାନେ ଦାବି କରିଛନ୍ତି।





**ଚକ୍ରଧରପୁର ଡିଭିଜନର ରେଳ ଷ୍ଟେଶନଗୁଡ଼ିକରେ ଅଟୋମେଟିକ୍ ଟିକେଟ୍ ଭେଣ୍ଡିଂ ମେଶିନ୍ (ଏଟିଭିଏମ୍)ରେ ମୁତୟନ ପାଇଁ ଫାସିଲିଟେଟର୍‌ଙ୍କ ନିଯୁକ୍ତି**

**ଅଧିସୂଚନା ସଂ. କମର୍ସିଆଲ୍ ୮୦ୟୁଟିଏସ୍ ସେଲ୍/ଏଟିଭିଏମ୍ ଫାସିଲିଟେଟର୍/୧୧/୧୮ ତାରିଖ: ୩୦।୧୧।୨୦୧୮**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର୍ ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଏସ୍.ଇ. ରେଳପଥ, ଚକ୍ରଧରପୁର ଡିଭିଜନଙ୍କ ଦ୍ୱାରା ଏଟିଭିଏମ୍ ମାଧମରେ ଅଣସଂରକ୍ଷିତ ଟିକେଟ୍ ଜାରିକୁ ସୁବିଧାଜନକ କରିବା ପାଇଁ ଚକ୍ରଧରପୁର ଡିଭିଜନର ଆଠଟି ବିଭିନ୍ନ ଷ୍ଟେଶନରେ ଫାସିଲିଟେଟର୍‌ଙ୍କ ନିୟୋଜନ ଲାଗି ରେଳପଥର ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ଜଉମୁଦଦିଆ ଦରଖାସ୍ତ ଆହ୍ୱାନ କରାଯାଉଛି।

ଚକ୍ରଧରପୁର ଡିଭିଜନର ନିମ୍ନଲିଖିତ ରେଳ ଷ୍ଟେଶନଗୁଡ଼ିକରେ ଏଟିଭିଏମ୍ ମାଧମରେ ଟିକେଟ୍ ଜାରି ନିମନ୍ତେ ଫାସିଲିଟେଟର୍‌ଙ୍କ ନିୟୋଜନ କରାଯିବାର ପ୍ରସ୍ତାବ ରହିଛି। ଷ୍ଟେଶନ, ଏଟିଭିଏମ୍‌ଗୁଡ଼ିକର ସଂଖ୍ୟା ଏବଂ ଆବଶ୍ୟକ ଫାସିଲିଟେଟରଙ୍କ ସଂଖ୍ୟା ନିମ୍ନ ଅନୁଯାୟୀ ହେବ:

| କ୍ର.ସଂ. | ସ୍ଥାନର ନାମ | ଏଟିଭିଏମ୍ ସଂଖ୍ୟା | ଫାସିଲିଟେଟରଙ୍କ ସଂଖ୍ୟା |
|---|---|---|---|
| ୧ | ଟାଟାନଗର | ୬ | ୦୩ |
| ୨ | ଆଦିତ୍ୟପୁର | ୨ | ୦୧ |
| ୩ | ଚକ୍ରଧରପୁର | ୪ | ୦୨ |
| ୪ | ରାଉରକେଲା | ୩ | ୦୨ |
| ୫ | ପାନପୋଷ | ୨ | ୦୧ |
| ୬ | ରାଜଗାଙ୍ଗପୁର | ୨ | ୦୧ |
| ୭ | ଝାରସୁଗୁଡ଼ା | ୩ | ୦୨ |
| ୮ | ବଡ଼ବିଲ | ୨ | ୦୧ |

ଆଗ୍ରହୀ ଅବସରପ୍ରାପ୍ତ ରେଳପଥ କର୍ମଚାରୀମାନେ ଏହାର ଫର୍ମକୁ ୱେବ୍‌ସାଇଟ୍: www.ser.indianrailways.gov.inରୁ ଡାଉନ୍‌ଲୋଡ୍ କରିପାରିବେ।

ଜଉମୁଦଦିଆ ଲଫାପାକୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁରଙ୍କ କାର୍ଯ୍ୟାଳୟରେ ଏହି ଉଦ୍ଦେଶ୍ୟରେ ରଖାଯାଇଥିବା ବାକ୍ସରେ ତା୨୬।୧୨।୨୦୧୮ରିଖ ପୂର୍ବାହ୍ନ ୧୦.୩୦ ଘଟିକାରୁ ୧୩.୦୦ ଘଟିକା ମଧ୍ୟରେ ପକାଯାଇପାରିବ। ତା୨୬।୧୨।୨୦୧୮ରିଖ ୧୩.୦୦ ଘଟିକା ପରେ ପ୍ରାପ୍ତ ଦରଖାସ୍ତଗୁଡ଼ିକୁ ପ୍ରଶ୍ରୟ ଦିଆଯିବ ନାହିଁ। (PR-924)

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହିତ ସେବା କରୁ



ପଡ଼ି ପଡ଼ି କଳଙ୍କ ଲାଗି କ୍ଷୟହେବା ଅପେକ୍ଷା କାମ କରି କ୍ଷୟ ହୋଇଯିବା ଶ୍ରେୟସ୍କର।
- ରିଚାର୍ଡ କମ୍ବରଲ୍ୟାଣ୍ଡ୍



## ସଂକ୍ଷେପରେ

### ବରୀରେ ବିଶ୍ୱ ଦିବ୍ୟାଙ୍ଗ ଦିବସ

ରତ୍ନଗିରି,୩।୧୨(ଡି.ଏନ.ଏ): ସର୍ବଶିକ୍ଷା ଅଭିଯାନ ତରଫରୁ ବରୀ ବ୍ଲକସ୍ତରୀୟ ବିଶ୍ୱ ଦିବ୍ୟାଙ୍ଗ ଦିବସ ଅରଙ୍ଗାବାଦ ପଞ୍ଚାୟତର କଣ୍ଟପୋଇ ପ୍ରକଳ୍ପ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୨୬ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗଦେଇ ଚିତ୍ରାଙ୍କନ, ନୃତ୍ୟ, ସଂଗୀତ ଓ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ବରୀମାଉଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରିବା ବେଳେ ବରୀ ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗଙ୍କ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରାମକୃଷ୍ଣ ମିଶ୍ର ବିଚାରକ ଭାବେ ଶିକ୍ଷୟିତ୍ରୀ ଝରଣା ମଲିକ, ମଲିକା ବେହେରା ଓ ଅଶୋକ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିକ୍ଷା ମଣ୍ଡଳ ଅଧୀନରେ ୨୦୯ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଥିବା ବେଳେ ମାତ୍ର ୪୦ଜଣ ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ରହିବାକୁ ପତ୍ର ମାଧମରେ ଅବଗତ କରାଯିବା ଓ ଖବର ପାଇ ଅନ୍ୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ବିଦ୍ୟାଳୟ ନିକଟରୁ ଫେରିଯିବା ଘଟଣା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ତୁରନ୍ତ ୬୭ ଅଭିଯୋଗର ସମାଧାନ

ଯାଜପୁର ଅଫିସ,୩।୧୨: ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ପୂର୍ବାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଶୁଣାଣିରେ ମୋଟ ୨୬୪ ଅଭିଯୋଗରୁ ୧୫୯ଟି ବ୍ୟକ୍ତିଗତ, ୫ଟି ସାମୁହିକ ଆବେଦନପତ୍ର ମିଳିଥିଲା ଓ ଶିବିରରେ ତତ୍‌କ୍ଷଣାତ ୬୭ଟି ଅଭିଯୋଗର ସମାଧାନ କରାଯାଇଥିଲା। ଡିସେମ୍ବର ୭ରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମାଧାନ ଶିବିର, ୧୦ରେ ବରୀ ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଓ ମହାସମାଧାନ ଶିବିର, ୧୭ରେ ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି, ୨୪ରେ କୋରାଇ ବ୍ଲକ କାର୍ଯ୍ୟାଳୟରେ ମିଳତ ଅଭିଯୋଗ ଶୁଣାଣି, ୩୧ରେ ଦାନଗଦୀ ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ପ୍ରକାଶ।

### ଲୋହିଆ ବିଚାର ମଞ୍ଚ ପକ୍ଷରୁ ବିକ୍ଷୋଭ

ବାଲିଚନ୍ଦ୍ରପୁର,୩।୧୨(ସ୍ୱ.ପ୍ର): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର ଗ୍ରାମରେ ଦଳିତ ସାହିରେ ଗଣ୍ଡଗୋଳ ଘଟଣାରେ ଆମ୍ବେଦକର ଲୋହିଆ ବିଚାର ମଞ୍ଚ ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମଞ୍ଚ ପକ୍ଷରୁ ଦଳିତ ପରିବାର ପ୍ରତି ହୋଇଥିବା ଆକ୍ରମଣରେ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ସହ ଦଳିତଙ୍କ ନାମରୁ ମାମଲା ପ୍ରତ୍ୟାହାର କରାଯିବାକୁ ଦାବି କରିଥିଲେ। ଏନେଇ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ପୋଲିସକୁ ପ୍ରଦାନ କରାଯାଇଥିଲା। ପୋଲିସ ପକ୍ଷରୁ ଘଟଣାର ଠିକ୍ ତଦନ୍ତ କରାଯିବା ନେଇ ପ୍ରତିଶ୍ରୁତି ମିଳିଥିଲା। ସୂଚନା ଯେ, ଗତ ନଭେମ୍ବର ୧୧ରେ ଏହି ଗ୍ରାମର ସାମାନ୍ୟ କଳହକୁ କେନ୍ଦ୍ରକରି ସବର୍ଣ୍ଣ ଓ ଦଳିତଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଉଭୟ ପକ୍ଷରୁ ୨ଟି ମାମଲା (ନଂ. ୧୮୩ ଓ ୧୮୪/୧୮) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ସବର୍ଣ୍ଣଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏନେଇ ଥାନାଧିକାରୀ ରାକେଶ ତ୍ରିପାଠୀଙ୍କୁ ପଚାରିବାରୁ, ୨ଟି ମାମଲା ରୁଜୁ କରାଯାଇଛି, ଘଟଣାର ତଦନ୍ତ କରାଯାଉଛି ବୋଲି କହିଥିଲେ।

### କଂଗ୍ରେସ କର୍ମୀଙ୍କ ପରଲୋକ

ବିରଜାକ୍ଷେତ୍ର,୩।୧୨(ଡି.ଏନ୍.ଏ): ଯାଜପୁର ବ୍ଲକସ୍ଥିତ ମାଳଆନନ୍ଦପୁର ଗ୍ରାମପଞ୍ଚାୟତର ରୁଢ଼ିଆ ଗ୍ରାମର ବିଶିଷ୍ଟ କଂଗ୍ରେସ କର୍ମୀ ଦୁର୍ଗାଚରଣ ମିଶ୍ରଙ୍କର ରବିବାର ତାଙ୍କ ବାସଭବନରେ ୭୭ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ନିଷ୍ଠାପର, କର୍ତ୍ତବ୍ୟନିଷ୍ଠ, ପରୋପକାରୀ ବ୍ୟକ୍ତି ଥିଲେ। ସ୍ୱର୍ଗତ ମିଶ୍ର ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କର ଦେହବସାନ ଖବରପାଇ ଯାଜପୁର କଂଗ୍ରେସର ବିଧାନସଭା ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ଭାଜପା ନେତା ଗୋଦାବରୀଶ ମିଶ୍ର, କଂଗ୍ରେସ ନେତା ରଘୁନାଥ ମାଝୀ, ରବୀନ୍ଦ୍ର କୁମାର ସ୍ୱାଇଁ, ସମିତି ସଭ୍ୟ ରାଜକିଶୋର ସ୍ୱାଇଁ, ଶ୍ୟାମସୁନ୍ଦର ମିଶ୍ର, ନଗେନ୍ଦ୍ର ମିଶ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

■ ଚାଷ ଜମିରେ କାରଖାନାର ବିଷାକ୍ତ ପାଣି

# ପଦାରେ ପଡ଼ିଲା ଏସ୍‌ପିସିବିର ଦୋମୁହାଁ ନୀତି

ଯାଜପୁର ଅଫିସ,୩।୧୨

କଳିଙ୍ଗନଗର ଶିଳ୍ପାଞ୍ଚଳରେ କଳାପାଉଁଶ ଓ ବିଷାକ୍ତ ବର୍ଜ୍ୟପାଣି ଛାଡୁଥିବା ସଂକ୍ରାନ୍ତରେ ଏକ ନୂତନ ତଥ୍ୟ ଉନ୍ମୋଚିତ ହୋଇଛି। ବିଜୁ ପଟ୍ଟନାୟକ ମାର୍ଗ ପୋଲ ଦେଇ ଚାଷ ଜମିକୁ ବୋହୁଥିବା ଅହରହ ବିଷାକ୍ତ ବର୍ଜ୍ୟପାଣି ଭିସା ଷ୍ଟିଲର ନୁହେଁ, ତାହା କେଜେ ଇସ୍ପାତ ଓ ଜିନ୍ଦଲ ଷ୍ଟେନଲେସ ଲିଃ କାରଖାନା ପରିସରର ଉପରିଷ୍ଟ ଜଳଧାରା ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ସଦସ୍ୟ ସଚିବ ଦର୍ଶାଇଛନ୍ତି। ଏହି ସମସ୍ୟାର ଆଶୁ ସମାଧାନ ପାଇଁ କେଜେ ଇସ୍ପାତ ଓ ଜିନ୍ଦଲ ଷ୍ଟେନଲେସ କାରଖାନା କର୍ତ୍ତୃପକ୍ଷଙ୍କୁ ଏସ୍‌ପିସିବି ନିର୍ଦ୍ଦେଶ ଜାରି କରିଛି। ଏକ ସ୍ୱତନ୍ତ୍ର ଜଳଚାଳିତ ପ୍ରବାହିତ ଅଧ୍ୟୟନ କରି ଭିସା ଷ୍ଟିଲ କାରଖାନା ଦେଇ ଲୋକଙ୍କ ଚାଷ ଜମିକୁ ବୋହୁଥିବା ବିଷାକ୍ତ ପାଣିର ଉପଚାର କରିବା ପାଇଁ ଏସ୍‌ପିସିବି ନିର୍ଦ୍ଦେଶ ଦେଇଛି। ୧୫ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ରିପୋର୍ଟ ବୋର୍ଡକୁ ଦେବା ନିମନ୍ତେ କୁହାଯାଇଛି। ଅନ୍ୟଥା କମ୍ପାନୀ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବୋର୍ଡ ଚେତାବନୀ ଦେଇଛି। ଏହା ଜଣାପଡିବା ପରେ ଦୀର୍ଘଦିନରୁ ଲାଗି ରହିଥିବା ବିବାଦ ଭିନ୍ନରୂପ ନେଇଛି।



■ଭିସା ନୁହେଁ, କେଜେ ଇସ୍ପାତ ଓ ଜିନ୍ଦଲ ଦାୟୀ-ବୋର୍ଡ

■ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

କଳିଙ୍ଗନଗର ଯଖପୁରା ଗ୍ରାମ ପଞ୍ଚାୟତ ଅଞ୍ଚଳରେ କଳାପାଉଁଶ ଓ ବିଷାକ୍ତ ବର୍ଜ୍ୟପାଣି ଛାଡୁଥିବା ନେଇ ୨୦୧୬ ମସିହାରେ ଭିସା ଷ୍ଟିଲ କାରଖାନାକୁ ଏକାଧିକ ଥର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସେତେବେଳେ ଦାୟିତ୍ୱରେ ଥିବା ବୋର୍ଡ ଅଧିକାରୀ ଏହି ଭିତିରିଆ କାରଣକୁ ବୁଝି ନ ପାରି କେବଳ ଭିସା ଷ୍ଟିଲକୁ ଦାୟୀ କରୁଥିଲେ। କେଜେ ଇସ୍ପାତ ଓ ଜିନ୍ଦଲ ସହ ଭିତିରିଆ ବୁଝାମଣା କରି ଭିସା ଉପରେ ସବୁ ଦୋଷ ଲଦିବାର ଅପଚେଷ୍ଟା କରାଯାଉଥିଲା ବୋଲି ସନ୍ଦେହ କରାଯାଉଛି। ବର୍ଜ୍ୟପାଣି ଯୋଗୁ ପ୍ରଭାବିତ ଚାଷୀ କେବଳ ଭିସା ଷ୍ଟିଲ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ। ଏପରିକି କ୍ଷତିଗ୍ରସ୍ତ ଚାଷର କ୍ଷତିପୂରଣ ଦେବାକୁ ଚାଷୀ ମହଲରେ ଦାବି ଉଠିଥିଲା। ୨୦୧୬ ସେପ୍ଟେମ୍ବର ୯ରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଓ ନିରାକରଣ ଆଇନ ଅନୁଯାୟୀ ଜାରି ହୋଇଥିବା କାରଣ ଦର୍ଶାଅ ନୋଟିସ ଉପରେ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଥିଲା। ବର୍ଜ୍ୟପାଣି ପ୍ରବାହ ବନ୍ଦ କରା ନ ଗଲେ ମିଳିଥିବା ଅନୁମତିକୁ ପ୍ରତ୍ୟାହାର କରିଦିଆଯିବ ବୋଲି ବୋର୍ଡ ଚେତାବନୀ ଦେଇଥିଲା। ୨୦୧୬ରେ ୬ମାସ ମଧ୍ୟରେ ଭିସା ଷ୍ଟିଲ କାରଖାନାକୁ ୩ଥର କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ମାତ୍ର ଏହି ୨ବର୍ଷ ମଧ୍ୟରେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଏବେ ବିଷାକ୍ତ ଓ ପାଉଁଶ ମିଶା ପାଣି ପାଇଁ କେଜେ ଇସ୍ପାତ ଓ ଜିନ୍ଦଲ ଷ୍ଟେନଲେସ ଷ୍ଟିଲକୁ ଦାୟୀ କରାଯାଉଛି। କେଜେ ଇସ୍ପାତ ଓ ଜିନ୍ଦଲ ଷ୍ଟେନଲେସ ଷ୍ଟିଲକୁ ବିଷାକ୍ତ ବର୍ଜ୍ୟଜଳ ନିର୍ବାହ ଉପରେ ସମୁଚିତ ଓ ସଂଶୋଧକ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ଏକ ପରିଚାଳନା ଯୋଜନା ତିଆରି କରି ବୋର୍ଡରେ ଦାଖଲ କରିବାକୁ କୁହାଯାଇଛି। ଏଥିପାଇଁ ୨ବର୍ଷ ତଳେ ଭିସାକୁ ଦାୟୀ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଥିବାବେଳେ ବର୍ତ୍ତମାନ ବୋର୍ଡର ଏଭଳି ଦୋମୁହାଁ ନିଷ୍ପତ୍ତିକୁ ନେଇ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। ଏହା ତଦନ୍ତ ସାପେକ୍ଷ ବୋଲି ଅଞ୍ଚଳରେ ମତପ୍ରକାଶ ପାଉଛି। ଏହି ବିଷାକ୍ତ ବର୍ଜ୍ୟଜଳ ପାଇଁ ଅଞ୍ଚଳବାସୀ ଓ ଗୃହପାଳିତ ପ୍ରାଣୀ ବିଭିନ୍ନ ରୋଗରେ ପଡୁଛନ୍ତି। ଅନ୍ୟପକ୍ଷେ କେଜେ ଇସ୍ପାତ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି ଯେ, ଜିନ୍ଦଲ ଷ୍ଟେନଲେସ ଲିଃର ଜଳ ନିର୍ବାହ ପାଇଁ କାରଖାନା ପରିସରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏଥିରେ କେଜେ ଇସ୍ପାତର କୌଣସି ଭୂମିକା ନାହିଁ। ଜିନ୍ଦଲ କାରଖାନା ପରିବେଶ ବିଭାଗ ପକ୍ଷରୁ କୁହାଯାଇଛି ଯେ, ବୋର୍ଡର ନିର୍ଦ୍ଦେଶ ଉପରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିରେ ଯେପରି କାହାରି କ୍ଷତି ନ ହୁଏ ସେଥିପାଇଁ ଜିନ୍ଦଲ କର୍ତ୍ତୃପକ୍ଷ ଯତ୍ନବାନ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଏସ୍‌ପିସିବି ପକ୍ଷରୁ ପତ୍ରସଂଖ୍ୟା ୧୪୧୪୩/୨୦୧୧।୨୦୧୮ରେ ଦର୍ଶାଯାଇଛି ଯେ, କେଜେ ଇସ୍ପାତ ଓ ଜିନ୍ଦଲ ଷ୍ଟେନଲେସ ଷ୍ଟିଲର ବର୍ଜ୍ୟପାଣି କ୍ଷରଣ ହୋଇ ଭିସା ଷ୍ଟିଲ ପରିସରରେ ବୋହୁଛି। ଆବଶ୍ୟକ ସମାଧାନ ଆଲୋଚନା ଚାଲିଛି।

### ଘୁଙ୍ଗୁର ପକ୍ଷରୁ ସର୍ବବୃହତ୍ କଳାକାର ସମାବେଶ ପ୍ରସ୍ତୁତି

ବିଞ୍ଝାରପୁର,୩।୧୨(ଡି.ଏନ.ଏ)

ଘୁଙ୍ଗୁର ପକ୍ଷରୁ ଆସନ୍ତା ୮ରୁ ୧୨ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ୬ଷ୍ଠ ଲୋକକଳା ମହୋତ୍ସବ ତାଉଁତରାଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉପଲକ୍ଷେ ରବିବାର ତାଉଁତରା ହାଇସ୍କୁଲ ପରିସରରେ ଏକ ପ୍ରସ୍ତୁତି ବୈଠକ ନିରଞ୍ଜନ ସାହୁଙ୍କ ସାଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଖିଳଚକ୍ର ଉପସଭାପତି ଶ୍ରୀହରି ଧଳ, ସମ୍ପାଦକ ହରେକୃଷ୍ଣ ପଣ୍ଡା, ଗୌରାଙ୍ଗ ସ୍ୱାଇଁ, ରବୀନ୍ଦ୍ର କୁମାର ପରିଡା, ପୂର୍ବତନ ସରପଞ୍ଚ କାମଦେବ ଧଳ, ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ଅଜୟ ରାଉତ, ପ୍ରାଧ୍ୟାପକ ବଟକୃଷ୍ଣ ମହାପାତ୍ର, ଗୌରାଙ୍ଗ ଶତପଥୀ, ପ୍ରଭାତ ତ୍ରିପାଠୀ, ଭାଗିରଥୀ ଧଳ, ସଂଜୟ କୁମାର ମହାନ୍ତି, ରଜନୀକାନ୍ତ ସାହୁ, ଶଶିଭୂଷଣ ସାମଲ, ବିରଞ୍ଚି ନାରାୟଣ ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମର ଦାୟିତ୍ୱ ବହନ କରିଥିଲେ। ଏଥିରେ ଯାଜପୁର ବିକାଶ ମଞ୍ଚ ଓ ଅଖିଳଚକ୍ର, କଳିଙ୍ଗ ଫୋକ୍ସ ଡ୍ୟାନ୍ସ ଆହ୍ୱାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସମ୍ପାଦକ ଅଜୟ ରାଉତ ସୂଚନା ପ୍ରଦାନ କରି କହିଲେ ଯେ, ଜିଲାର କଳାକାରଙ୍କୁ ନେଇ ଏକ ନୂତନ ଢଙ୍ଗର ଲୋକକଳା ମହୋତ୍ସବ ଆୟୋଜନ ଚାଲିଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୫ ହଜାର କଳାକାର ଭାଗ ନେବା ପାଇଁ ଆବେଦନ କରିଛନ୍ତି। ଗ୍ରାମାଞ୍ଚଳରୁ ହଜିଯାଉଥିବା ଲୋକ କଳାକୁ ବଞ୍ଚାଇ ରଖିବା ପାଇଁ ଏହି ଉଦ୍ୟମ ବୋଲି କହିଥିଲେ।

# ନବବଧୂଙ୍କ ଆତ୍ମହତ୍ୟା

ବିରଜାକ୍ଷେତ୍ର,୩।୧୨(ଡି.ଏନ୍.ଏ)

**ଯୌତୁକଜନିତ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ**

ଯାଜପୁର ଥାନା କୁଆମଡ଼େଇ ଗ୍ରାମର ଜଣେ ୪ମାସର ଅନ୍ତସତ୍ତ୍ୱା ଥିବା ନବବଧୂ ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମାତ୍ର ଝିଅକୁ ଯୌତୁକ ପାଇଁ ଶାଶୁଘର ଲୋକେ ହତ୍ୟା କରିଛନ୍ତି ବୋଲି ନବବଧୂଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଉକ୍ତ ଗ୍ରାମର ଶରତ ସାହୁଙ୍କ ପୁଅ ଅନିରୁଦ୍ଧ(୨୮) ବିଞ୍ଝାରପୁର ଥାନା ଜରି ଗ୍ରାମର ବିଶ୍ୱନାଥ ସାମଲଙ୍କ ଝିଅ ସୁଚିସ୍ମିତା(୨୨)ଙ୍କୁ ପ୍ରେମ ବିବାହ କରିଥିଲେ। ରବିବାର ରାତିରେ ପାରିବାରିକ କଳହକୁ କେନ୍ଦ୍ର କରି ସୁଚିସ୍ମିତା ଘର ନିକଟସ୍ଥ ଏକ ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ସୁଚିସ୍ମିତାଙ୍କୁ ଚିକିତ୍ସା ପାଇଁ ଯାଜପୁର ସଦର ଡାକ୍ତରଖାନାକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଚିସ୍ମିତାଙ୍କ ବାପା ତାଙ୍କ ଝିଅକୁ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦିଆଯାଇ ଶେଷରେ ମାରି ଦିଆଯାଇଛି ବୋଲି ଯାଜପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଯୌତୁକ ଜନିତ ହତ୍ୟା ମାମଲା (ନଂ ୩୧୫/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ସୁଚିସ୍ମିତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି। ବିବାହ ପରେ ସୁଚିସ୍ମିତାଙ୍କର ତାଙ୍କ ବାପଘର ସହିତ କୌଣସି ସମ୍ପର୍କ ନ ଥିଲା ବୋଲି ଶାଶୁଘର ଲୋକେ ପ୍ରକାଶ କରିଛନ୍ତି। ରବିବାର ରାତିରେ ସାମାନ୍ୟ ଘଟଣାକୁ କେନ୍ଦ୍ର କରି ସୁଚିସ୍ମିତା ଆତ୍ମହତ୍ୟା କରିଛନ୍ତି ବୋଲି ଶାଶୁଘର ଲୋକେ କହିଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି।

### ୧୯୯୦ ସ୍ନାତକ ସହପାଠୀଙ୍କ ବନ୍ଧୁ ମିଳନ

ଯାଜପୁର ଅଫିସ,୩।୧୨

୧୯୯୦ ମସିହାରେ ବ୍ୟାସନଗର କଲେଜରୁ ସ୍ନାତକରେ ଡିଗ୍ରୀ ହାସଲ କରିଥିବା ସହପାଠୀମାନେ ରବିବାର ବ୍ୟାସ ସରୋବର ପୀଠରେ ଏକାଠି ହୋଇଥିଲେ। ଭାରତର ବିଭିନ୍ନ କୋଣ ଅନୁକୋଣରେ କାର୍ଯ୍ୟରତ ସମସ୍ତ ସହପାଠୀ ବନ୍ଧୁ ସପରିବାର ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ଅତୀତକୁ ମନେ ପକାଇଥିଲେ। ଭୁବନେଶ୍ୱର ଏମ୍‌ସ ହସ୍‌ପିଟାଲର କ୍ୟାନସର ବିଭାଗ ମୁଖ୍ୟ ଦୀଲିପ କୁମାର ପରିଡା ଓ ଭୁବନେଶ୍ୱର ଏସିପି ଅତନୁ କୁମାର ରାଉତ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ତପନ ସାହୁ, ମିତାଞ୍ଜଳି ପତି, ପ୍ରିସିଲା ଜେନା, ସସ୍ମିତା ଆଚାର୍ଯ୍ୟ, ଦେବସ୍ମିତା ଦେଓ, ରଶ୍ମିରେଖା ସାହୁ, ଚିନ୍ତାମଣି ପାଢ଼ୀ, ଜନାର୍ଦ୍ଦନ ପଣ୍ଡା, ବିଚିତ୍ର ବଳ, ଜଗନ୍ନାଥ ସାମଲ, କ୍ରୀଡାବିତ୍ ବଜ୍ରବାହୁ ସୀମନ୍ତ କେଶରୀ ସାମଲ, ବିଜୟ କୁମାର ଜେନାଙ୍କ ସମେତ ବହୁ ସହପାଠୀ ସାମିଲ ହୋଇଥିଲେ।

■ ଐତିହାସିକ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପନୀ ସମାରୋହ

# ଜିଲାର ୧୬ ଜଣଙ୍କୁ ଉତ୍କଳଶ୍ରୀ ସମ୍ମାନ



ବାଲିଯାତ୍ରାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

ଯାଜପୁର ଅଫିସ,୩।୧୨

ଶିକ୍ଷା, ପରିବେଶ ସଚେତନତା, ସାହିତ୍ୟ, ସାମ୍ବାଦିକତା, ଆଇନସେବା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଐତିହାସିକ କଟକ ବାଲିଯାତ୍ରା ମହୋତ୍ସବ-୨୦୧୮ର ଉଦ୍‌ଯାପନୀ ସନ୍ଧ୍ୟାରେ ଯାଜପୁର ଜିଲାର ୧୬ଜଣଙ୍କୁ ସମ୍ମାନଜନକ ଉତ୍କଳଶ୍ରୀ ସମ୍ମାନ-୨୦୧୮' ପ୍ରଦାନ କରାଯାଇଛି। ଉତ୍କଳ ସମ୍ମିଳନୀ କଟକ ମହାନଗର ଶାଖା ପକ୍ଷରୁ ଆୟୋଜିତ କଟକ ବାଲିଯାତ୍ରା ପଡ଼ିଆର ମଧୁମଞ୍ଚରେ ସଭାପତି ସରୋଜ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମନୋଜ୍ଞ ସମାରୋହରେ ରବିବାର ଶିକ୍ଷା ଓ ପରିବେଶ ସଚେତନତା ପାଇଁ ଶିକ୍ଷାବିତ୍ ବିଷ୍ଣୁମୋହନ ସାହୁ, ସତ୍ୟାନନ୍ଦ ଦାସ, ଅକ୍ଷୟ କୁମାର ପଣ୍ଡା, ଶୁଭେନ୍ଦ୍ର କୁମାର ସାମଲ, ବିଚିତ୍ରାନନ୍ଦ ମଲ୍ଲିକ ଓ ରବିନାରାୟଣ ଦାସ, ସାହିତ୍ୟ ସମାଲୋଚନା ଓ ପ୍ରବନ୍ଧ ପାଇଁ ଘନ ପରିଡ଼ା, ଗଳ୍ପ ଓ କବିତା ପାଇଁ ଚିତ୍ତରଞ୍ଜନ ବେହେରା, ଗୀତି କବିତା ପାଇଁ ରତିକାନ୍ତ ସାମଲ, ଉତ୍ତମ ସମ୍ବାଦ ପରିବେଷଣ ପାଇଁ ଖବରଦାତା ଆନନ୍ଦ ଚନ୍ଦ୍ର ସାହୁ, ସଂଗ୍ରାମ ସିଂହ, ହର୍ଷବର୍ଦ୍ଧନ ବେହେରା, ଉଦୟନାଥ ଖଣ୍ଡାଇ ଓ ଅଜୟ କୁମାର ରଣା, ଆଇନସେବା ପାଇଁ ଆଇନଜୀବୀ ଶଶିଭୂଷଣ ଦାସ ଓ ସମାଜସେବା ପାଇଁ ସାମାଜିକ କର୍ମୀ ଜ୍ଞାନରଞ୍ଜନ ରାଉତଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାରୋହରେ ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ବିଚାରପତି ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ଉଦ୍‌ଘାଟକ, ବିଧାୟକ ପ୍ରଭାତ କୁମାର ବିଶ୍ୱାଳ ମୁଖ୍ୟଅତିଥି, ଆମେ ଓଡ଼ିଆ ମହାସଚିବ ଘନ ପରିଡ଼ା, ଆଇନଜୀବୀ ଅଶୋକ ମହାପାତ୍ର, ଶଶିଭୂଷଣ ଦାସ ଓ ଗବେଷକ ବିଷ୍ଣୁପଦ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ସ୍ମୃତି ଓ ଓଡ଼ିଶାର ଗୌରବମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

■ ଜିଲାସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ

# 'ଦିବ୍ୟାଙ୍ଗ ଅଧିକ କ୍ରିୟାଶୀଳ'



ଦିବ୍ୟାଙ୍ଗ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଯାଜପୁର ଅଫିସ,୩।୧୨

ସମଗ୍ର ଶିକ୍ଷା ଓ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ସୋମବାର ଜିଲାସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାର ଦିବ୍ୟାଙ୍ଗଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ଓ ସେମାନେ ମଧ୍ୟ ତାହାକୁ ଉପଯୋଗ କରୁଛନ୍ତି। ତେବେ ନିଜର ଆତ୍ମ ପ୍ରତିଷ୍ଠା ଓ ସ୍ୱତନ୍ତ୍ର ପରିଚୟ ପାଇଁ ସେମାନେ ଉଦ୍ୟମ କରିବା ଉଚିତ ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଦିବ୍ୟାଙ୍ଗମାନେ ଯେ କୌଣସି ସକ୍ଷମଙ୍କଠାରୁ ମଧ୍ୟ ଅଧିକ କ୍ରିୟାଶୀଳ ବୋଲି ମତ ଦେଇ ନିଜ ପ୍ରତିଭାର ବିକାଶ ହିଁ ସେମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରିଥାଏ ବୋଲି କହିଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ସାମାଜିକ ସୁରକ୍ଷା ଅଧିକାରୀ ଅମିତା ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କ ସୁରକ୍ଷା, ନିରାପତ୍ତା ଓ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ। ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୁତାର ସ୍ୱାଗତ ଭାଷଣ ଦେବାସହ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଦିବ୍ୟାଙ୍ଗଙ୍କୁ ବିବାହ କରିଥିବାରୁ ଏକ ଦମ୍ପତିଙ୍କୁ ୫୦ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ପରେ ଟ୍ରାଇ ସାଇକେଲ, ଆଶାବାଡି ଓ ଅନ୍ୟାନ୍ୟ ଦିବ୍ୟାଙ୍ଗ ଉପକରଣ ପ୍ରଦାନ କରଯାଇଥିଲା। ଜିଲାର ୧୯୦୯୬ ଜଣ ଦିବ୍ୟାଙ୍ଗଙ୍କୁ ଭତ୍ତା, ୧୭୫୪ ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ବୃତ୍ତି, ୫୪୧୯୫ ଜଣଙ୍କୁ ପ୍ରମାଣପତ୍ର, ୪୨୫୮ଙ୍କୁ ଦିବ୍ୟାଙ୍ଗ ଉପକରଣ, ୨୧୦୨ ଜଣଙ୍କୁ ବସ୍ ପାଶ ଓ ୧୦୫ ଜଣଙ୍କୁ ରେଳ ପାଶ୍, ୧୧୯ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା, ୪୮ ଜଣଙ୍କୁ ବିବାହ ସହାୟତା, ୨୪ ଜଣଙ୍କୁ ମାଗଣା ଲାପଟପ୍, ୫୨ ଜଣଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଇଛି ବୋଲି ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ ସୂଚନା ଦେଇଥିଲ। ଶେଷରେ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜିକା ବନ୍ଦନା ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ରାମ ମନ୍ଦିରରୁ ବାହାରି ସଂସ୍କୃତି ଭବନରେ ପହଞ୍ଚିଥିଲା।

### କୃଷକ ମେଳା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ବଣ୍ଟନ

ବିଞ୍ଝାରପୁର,୩।୧୨(ଡି.ଏନ.ଏ)

ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର କୃଷିବିଭାଗ ପକ୍ଷରୁ କୃଷକ ମେଳା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦକିଶୋର ସାମଲ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟଅତିଥି ଭାବେ ବିଧାୟିକା ପ୍ରମିଳା ମଲ୍ଲିକ, ଉପକୃଷି ନିର୍ଦ୍ଦେଶକ ଶରତ ପୃଷ୍ଟି, ଜିଲା କୃଷି ଅଧିକାରୀ ବିମଳକାନ୍ତି ରପ୍ତାନ, ପିପିଓ ଶ୍ରୀଧର ଦାସ, ବ୍ଲକ ସହକାରୀ କୃଷି ଅଧିକାରୀ ରଘୁନାଥ ଜେନା ପ୍ରମୁଖ ଯୋଗଦେଇ କୃଷକଙ୍କୁ ଅତ୍ୟାଧୁନିକ ବୈଷୟିକ ପ୍ରଣାଳୀରେ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଞ୍ଝାରପୁର ବ୍ଲକର ୫ହଜାରୁ ଉର୍ଦ୍ଧ୍ୱ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପଞ୍ଜିକୃତ ହିତାଧିକାରୀଙ୍କ ମଧ୍ୟରୁ ୪ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ବିଧାୟିକା ବୀମା କାର୍ଡ ବଣ୍ଟନ କରିଥିଲେ। ଯଦ୍ୱାରା ଏହି ଯୋଜନାରେ ହିତାଧିକାରୀମାନେ ଚିକିତ୍ସା କ୍ଷେତ୍ରରେ ୫ରୁ ୭ଲକ୍ଷ ପର୍ଯ୍ୟନ୍ତ ଟଙ୍କା ବୀମା ରାଶି ପାଇପାରିବେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରାମଚନ୍ଦ୍ର ବେହେରା, ବ୍ଲକ ଉପାଧ୍ୟକ୍ଷା କୁମୁଦିନୀ ଦାସ, ଜିଲା ପରିଷଦ ସଭ୍ୟ ସୁଷମା ସେଠୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗଙ୍କୁ ଭୋଟଦାନ ସମ୍ପର୍କିତ ସଚେତନତା

ରସୁଲପୁର,୩।୧୨(ଡିଏନଏ)

ରସୁଲପୁର ବ୍ଲକ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦିବ୍ୟାଙ୍ଗ ଭୋଟରଙ୍କୁ ନେଇ ଏକ ଭୋଟଦାନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ଶିକ୍ଷା ସଂଗଠକ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବ୍ୟାଙ୍ଗ ସଚେତତନା ଶିବିରରେ ରସୁଲପୁର ବିଡିଓ ଉମାକାନ୍ତ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସମଗ୍ର ବ୍ଲକ ଅଞ୍ଚଳରେ ୯୩୫ ଜଣ ଦିବ୍ୟାଙ୍ଗ ଭୋଟର ଅଛନ୍ତି। ସବୁ ଦିବ୍ୟାଙ୍ଗଙ୍କୁ ଏକ ସାଧାରଣ ଭୋଟର ଭାବେ ବିବେଚନା କରାଯାଉ। ଦିବ୍ୟାଙ୍ଗ ଭୋଟରଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ନିର୍ବାଚନ କମିଶନ ପକ୍ଷରୁ ନାନା ସୁବିଧା ଯୋଗାଇ ଦିଆଯାଉଛି। ଭୋଟ ଗ୍ରହଣ କେନ୍ଦ୍ରକୁ ନେବା ଆଣିବା ଓ ଭୋଟଦାନରେ ସହାୟକ ହେବା ପାଇଁ ସରକାରୀ କର୍ମଚାରୀଙ୍କୁ ଭୋଟଗ୍ରହଣ କେନ୍ଦ୍ରରେ ମୁତୟନ କରାଯିବ। କର୍ମଚାରୀମାନେ ସେମାନଙ୍କୁ ଭୋଟଦାନରେ ସହାୟକ ହେବେ। ଭୋଟଗ୍ରହଣ କେନ୍ଦ୍ରରେ ରାମ୍ପ ନିର୍ମାଣ କରାଯିବ, ଦିବ୍ୟାଙ୍ଗ ଭୋଟରମାନେ ପୋଲିଂ କେନ୍ଦ୍ରରେ କିପରି ମତଦାନ କରିବେ, ଭିଭିପ୍ୟାଟ କେମିତି ବାହାରିବ ଓ ତାର ଉପଯୋଗିତା ସମ୍ପର୍କରେ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ଦିବ୍ୟାକାନ୍ତି ମିଶ୍ର ମକ୍‌ପୋଲିଂ ଜରିଆରେ ପ୍ରଦର୍ଶନ କରିଥିଲେ। ଏହା ଦେଖି ଦିବ୍ୟାଙ୍ଗ ଭୋଟରଙ୍କ ମଧ୍ୟରେ ମତଦାନକୁ ନେଇ ଆଗ୍ରହ ସୃଷ୍ଟି ହୋଇଥିଲା। ଏବିଡିଓ ଅସିତ୍ କୁମାର ପାତ୍ର ଶିବିରରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ରସୁଲପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯତିନ୍ଦ୍ର ମୋହନ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ନିକୁଞ୍ଜ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ପ୍ରୋଗ୍ରାମ ଅଧିକାରୀ ସମରେନ୍ଦ୍ର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜିନୀ ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଦୁର୍ଘଟଣାରେ ଜିଲା ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକଙ୍କ ମୃତ୍ୟୁ

**ବାଲିକୁଦା,୩।୧୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ବାଲିସାହି ଗାଁର ସୌମ୍ୟଦୀପ୍ତ ମହାନ୍ତି (ଲିକୁଆ)ଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଜଗତ୍‌ସିଂହପୁର ଜିଲା ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଥିଲେ। ରବିବାର ସେ ଏକ ଧାନକଟା ମେଶିନ ଆଣିବାକୁ ବାଇକ୍‌ରେ ଖୋର୍ଦ୍ଧା ଯାଉଥିଲେ। ୧୬ ନମ୍ବର ଜାତୀୟ ରାଜପଥର ରାଜସୁନାଖଲାଠାରେ ଏକ ହାଇୱା ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଲିକୁଆ ଓ ତାଙ୍କ ମାମୁ ପୁଅ ଭାଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଖୋର୍ଦ୍ଧା ମେଡିକାଲ ନେବା ବାଟରେ ଲିକୁଆଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୂର୍ବତନ ବିଧାୟକ ତଥା ପିସିସି ମୁଖପାତ୍ର ଡା. ଲଲାଟେନ୍ଦୁ ମହାପାତ୍ର, ଯୁବ କଂଗ୍ରେସ ମୁଖପାତ୍ର ତଥା ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳି ଯୁବ କଂଗ୍ରେସ ସଭାପତି ଅଜୟ ସାହୁ ଖୋର୍ଦ୍ଧା ଡାକ୍ତରଖାନାରେ ପହଞ୍ଚିଥିଲେ। ସୋମବାର କାଠଗୋଲା ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ଲିକୁଆଙ୍କ ମୃତଦେହ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବିଧାୟକ ପ୍ରଶାନ୍ତ ମୁଦୁଲି, ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଜିଲାପରିଷଦ ସଦସ୍ୟ ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବ୍ଲକ କଂଗ୍ରେସ ସଭାପତି ବିକ୍ରମ କିଶୋର ପରିଡା, ସମିତିସଭ୍ୟ ସୌମ୍ୟଜିତ୍ ମହାପାତ୍ର, ଜିଲା କଂଗ୍ରେସ ମୁଖପାତ୍ର ସୌମ୍ୟଜିତ୍ ଦାଶ, ମନୋଜ ବିଶ୍ୱାଳ ପ୍ରମୁଖ ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

## ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ତିର୍ତ୍ତୋଲ,୩।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ପିପ୍ପଳମାଧବସ୍ଥିତ ଧର୍ମେଶ୍ୱର ଶୈବପୀଠରେ ୭ଦିନ ଧରି ଚାଲିଥିବା ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଧର୍ମେଶ୍ୱର ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାବାଜୀ ଶ୍ରୀସତ୍ୟାନନ୍ଦ ଦାସ ମହାରାଜଜୀ ପ୍ରବଚନ ଦେଇଥିଲେ। ଶ୍ରୀରାମ କଥାମୃତ ପ୍ରଚାରକ ତଥା ରାମାୟଣୀ ପଣ୍ଡିତ ଅଭୟ ଦାଶ, ରାମବାବା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ଜେନାମଣୀ ଶୈଳେନ୍ଦ୍ର କୁମାର ରାୟ, ସମ୍ପାଦକ ଆଇନଜୀବୀ ସନ୍ତୋଷ ଦାସ, ସୁରେନ୍ଦ୍ର ଖୁଣ୍ଟିଆ, ସୁଶାନ୍ତ ନାୟକ, ତିର୍ତ୍ତୋଲ ବ୍ଲକ ଉପାଧକ୍ଷ ଆଶିଷ ସେଠୀ, ଗୌରାଙ୍ଗ ବେହେରା, ପରିକ୍ଷିତ ସେଠୀ, ନିଳମଣୀ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବାଲିକୁଦା,୩।୧୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ବ୍ଲକର ମୋଟ୍ ୫ଟି ଖେଳପଡିଆରେ ଏହି ଟୁର୍ନାମେଣ୍ଟ ହୋଇଛି। ଏଥିରେ ମୋଟ୍ ୨୮ ଦଳ ଅଂଶଗ୍ରହଣ କରିଛନ୍ତି। ସଂଗ୍ରାମପୁରରେ ପଞ୍ଚାୟତ ସମିତି ଅଧକ୍ଷା ମଧୁସ୍ମିତା ସାହୁ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଏବିଡିଓ ଅଜୟ କୁମାର ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ବିଶ୍ୱାଳ. ପଞ୍ଚାୟତ କାର୍ଯ୍ୟନିବାହୀ ଅଧିକାରୀ ଶଶିଭୂଷଣ ମହାନ୍ତି, ବିଜୁ ଯୁବ ବାହିନୀ ସଂଯୋଜକ ଦେବାଶିଷ ମଲ୍ଲିକ, ସରପଞ୍ଚ ସଞ୍ଜୟ ଭାରତୀ, ବ୍ଲକ ଯୁବ ବିଜେଡି ସଭାପତି ରଶ୍ମିରଞ୍ଜନ କୁଅଁର ଅତିଥି ଭାବେ ଯୋଗ ଦେଇଥିଲେ। ସେହିପର କୁଳିଆଗାଁରେ ସରପଞ୍ଚ ଅଶୋକ ବିଶ୍ୱାଳ, ଇଛାପୁରରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରୁଣ କୁମାର ପ୍ରଧାନ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। କୁଣ୍ଡୁପୁରରେ ବ୍ଲକ ଉପାଧକ୍ଷ ରାଖାଳ ଚନ୍ଦ୍ର ଦାସ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଜିଲାପରିଷଦ ସଦସ୍ୟା ବବିତା ସ୍ୱାଇଁ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ସେଠୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ହାତୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଳମଣି ଖଟୁଆ ଉପସ୍ଥିତ ଥିଲେ। ମୂଳଗାଁରେ ଜିଲା ପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଲିଲି ପରିଡା, ସମିତିସଭ୍ୟ ଦିଲୀପ ସ୍ୱାଇଁ, ବାହାରଣା ସମିତିସଭ୍ୟ ନୀଳମଣି ବେହେରା ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଚୌଧୁରୀ ଉପସ୍ଥିତ ଥିଲେ। ୧୪ ଟି ଦଳ ଦ୍ୱିତୀୟ ଲିଗ ମ୍ୟାଚ୍‌କୁ ଉନ୍ନିତ ହୋଇଛନ୍ତି। ବିଧାୟକ ପ୍ରଶାନ୍ତ ମୁଦୁଲି କୁଳିଆଗାଁ ଖେଳପଡିଆରେ ପହଞ୍ଚି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

■ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

# ଜିଲାରେ ୬,୨୬୭ ଭିନ୍ନକ୍ଷମ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ,୩।୧୨**

ଭିନ୍ନକ୍ଷମମାନେ କୌଣସି କ୍ଷେତ୍ରରେ କମ୍ ନୁହନ୍ତି। ସମ୍ପ୍ରତି ଅନେକ ଭିନ୍ନକ୍ଷମ ନିଜ ପ୍ରତିଭା ବଳରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି। ତପାପି ଯେଉଁମାନେ ପଛରେ ପଡ଼ିଯାଇଛନ୍ତି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାର ଅନେକ ଯୋଜନା କରିଛନ୍ତି। ସେମାନଙ୍କୁ ମାଗଣା ଆଇନ ସେବା ଯୋଗାଇ ଦିଆଯାଉଛି। ଅଗ୍ରାଧିକାର ଭିତ୍ତିରେ ୧ ବର୍ଷ ମଧ୍ୟରେ ସେମାନଙ୍କ ମାମଲାର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସୁବିଧାରେ ମତଦାନ ନିମନ୍ତେ ସେମାନଙ୍କୁ ମତଦାନ କେନ୍ଦ୍ର ପର୍ଯ୍ୟନ୍ତ ମାଗଣାରେ ନେବା ଆଣିବା ବ୍ୟବସ୍ଥା କରାଯାଇଛି। ଇତିମଧ୍ୟରେ ଜଗତ୍‌ସିଂହପୁର ଜିଲାରେ ୬,୨୬୭ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି ଓ ସେମାନଙ୍କ ବିକାଶ ପାଇଁ ଉଦ୍ୟମ କରାଯାଉଛି ବୋଲି ସୋମବାର ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ଅତିଥିମାନେ ପ୍ରକାଶ କରିଛନ୍ତି।

ଏହି ଅବସରରେ କୁହାଯାଇଥିଲା ଯେ, ସ୍ଥାନୀୟ ନୂଆପୋଲ ନିକଟରେ ଭିନ୍ନକ୍ଷମଙ୍କ ପାଇଁ ୧ ଏକର ଜାଗାରେ ଏକ ବିଦ୍ୟାଳୟ ନିର୍ମାଣ ଚାଲିଛି। ଏଥିମଧ୍ୟରେ ୧ ମହଲା ଗୃହ ଓ ପ୍ରାଚୀର ନିର୍ମାଣ ସରିଛି। ବିଦ୍ୟୁତ ଲାଇନ୍ ଯୋଗୁ କାମରେ ବାଧା ଉପୁଜିଥିବାରୁ ଏହାର ପ୍ରତିକାର ପାଇଁ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ମଧୁବାବୁ ଭିନ୍ନକ୍ଷମ ଭତ୍ତା ଓ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ବାଣିଶ୍ରୀ ମେଧାବୃତ୍ତି ପ୍ରଦାନ ଉପରେ ସୂଚନା ଦିଆଯାଇଥିଲା। ୧୮ ବର୍ଷରୁ ଊର୍ଦ୍ଧ୍ୱ ଓ ୪୦ ପ୍ରତିଶ୍ରତରୁ ଅଧିକ ଭିନ୍ନକ୍ଷମଙ୍କୁ ନେଇ ସ୍ୱୟଂସହାୟକ ଦଳ ଗଠନ ସହ ସେମାନଙ୍କୁ ସଶକ୍ତ କରିବାକୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। କୌଣସି ସକ୍ଷମ ବ୍ୟକ୍ତି ସେମାନଙ୍କୁ ବିବାହ କଲେ ରାଜ୍ୟ ସରକାର ୫୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ଜିଲାରେ ୧୭ ଜଣଙ୍କୁ ଏହି ବିବାହ ପ୍ରୋତ୍ସାହନ ରାଶି ଦିଆଯାଇଛି। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ବିଡିଓ ଲଗ୍ନଜିତ ରାଉତ, ସହକାରୀ ଜିଲାପାଳ (ନିର୍ବାଚନ) ବିନୀତା ଦାଶ, ଆଶ୍ରା ଅନୁଷ୍ଠାନର ସଭାପତି ଅଶୋକ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅବଦୁଲ ୱାହେବ୍ ଖାଁ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସକାଳେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା।


ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

■ଭିନ୍ନକ୍ଷମଙ୍କ ମାମଲାର ଶୁଣାଣି ୧ ବର୍ଷ ମଧ୍ୟରେ ହେବ
■ମତଦାନ କେନ୍ଦ୍ରକୁ ମାଗଣା ନେବା ଆଣିବା ବ୍ୟବସ୍ଥା


ବିରିଡ଼ି ବ୍ଲକରେ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

## ବିଜୁ ଯୁବବାହିନୀର କ୍ରିକେଟ ଟୁର୍ନାମେଣ୍ଟ

**ବିରିଡ଼ି/ବାଲିଆ,୩।୧୨(ଡି.ଏନ.ଏ.)**

ବିରିଡ଼ି ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ବଡିମୀରା ପଞ୍ଚାୟତର ରାଣୀପଡ଼ା ଖେଳପଡିଆଠାରେ ସୋମବାର ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏହାକୁ ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା ମୁଖ୍ୟଅତିଥି, ସରପଞ୍ଚ ସ୍ୱର୍ଣ୍ଣଲତା ସେଠୀ, ପୁଷ୍ପପ୍ରକାଶ ପ୍ରଧାନ, ସମିତି ସଭ୍ୟ ଗୋପବନ୍ଧୁ ସ୍ୱାଇଁ, ପବିତ୍ର ପଶାୟତ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜିକା ସୁନିତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟ ମାଧ୍ୟମରେ ଗ୍ରାମାଞ୍ଚଳର ପିଲାମାନଙ୍କୁ କ୍ରୀଡା ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କ ପ୍ରତିଭା ବିକାଶ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବଡିମୀରା ଓ ବୁଢାପଡ଼ା କ୍ରିକେଟ ଟିମ ମଧ୍ୟରେ ହୋଇଥିଲା। ଏଥିରେ ବଡିମୀରା ବିଜୟୀ ହୋଇଥିଲା। ସେହିପରି ଅରଣା ଓ ଶିବପୁର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଶିବପୁର ବିଜୟୀ ହୋଇଥିଲା। ବଡ଼ଖଣ୍ଡୟତା ଓ ଅଢଙ୍ଗମଙ୍ଗୁରାଇ ମଧ୍ୟରେ ହୋଇଥିବା ମ୍ୟାଚରେ ବଡ଼ଖଣ୍ଡୟତା ବିଜୟ ଲାଭ କରିଥିଲା। ସେହିପରି ଉଳୁନ୍ଦରା କ୍ରିକେଟ ଟିମକୁ ହରାଇ ବାଗଲପୁର ବିଜୟ ଲାଭ କରିଥିଲା। ମ୍ୟାଚରେ ୮ଟି ଟିମ୍ ଭାଗ ନେଇଥିବା ବେଳେ ଖେଳଗୁଡିକ ୫ ଓଭର ବିଶିଷ୍ଟ କରାଯାଇଥିଲା। ଏହି କ୍ରୀଡା ପ୍ରତିଯୋଗିତା ୪ ଦିନ ଧରି ଚାଲିବ। ଅମ୍ପାୟାର ଭାବେ ସେଖ କଲିମ୍ ଓ ମଙ୍ଗରାଜ ସାହୁ ଖେଳ ପରିଚାଳନା କରିଥିଲେ। ରହେବର ଅଲ୍ଲୀ ଖାଁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୬ ତାରିଖରେ ଏହି ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ।

## କବି କୈଳାସ ସ୍ୱାଇଁଙ୍କୁ ଆଷାଢ ସମ୍ମାନ

**ତିର୍ତ୍ତୋଲ, ୩।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ଥାନା ପଣ୍ଡୁଆ ପଞ୍ଚାୟତ ମୁଣ୍ଡିଦା ଗ୍ରାମରୁ ଦୀର୍ଘ ୨୯ ବର୍ଷ ଧରି ପ୍ରକାଶ ପାଉଥିବା ବାଲିଘର ପତ୍ରିକାର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ଆଷାଢ ସାହିତ୍ୟ ସଂସଦ ତରଫରୁ 'ଆଷାଢ ସମ୍ମାନ-୨୦୧୮' ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ଚଳିତ ମାସ ୯ ତାରିଖରେ ଆଷାଢ ସାହିତ୍ୟ ସଂସଦର ୨୭ ତମ ବାର୍ଷିକ ଉତ୍ସବରେ ସ୍ୱାଇଁଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ଘୋଷଣା କରାଯାଇଛି। ସ୍ୱାଇଁ ଦୀର୍ଘ ୪ ଦଶନ୍ଧି ଧରି ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଆସୁଛନ୍ତି। ତାଙ୍କର ଅନେକ ଲେଖା ଆକାଶବାଣୀ କଟକ କେନ୍ଦ୍ରର ବିଭିନ୍ନ ବିଭାଗରେ ପ୍ରସାରିତ ହେଉଛି। ତାଙ୍କ ରଚିତ ଗୁନ୍ଥାଫୁଲ, ଆସ ଫେରିଯିବା ଗାଁକୁ, ଶାନ୍ତିର ଗୀତ ଗାଅ, କିଏ କହେ ତୁମେ ଶିଶୁ, ଆସିଛି ମୁଁ ଗପବାଲା, ନଟିଆ କେଳା, ଏଇ ମୋ ମାଟି ପ୍ରଭୃତି ପୁସ୍ତକ ପାଠକଙ୍କ ଦ୍ୱାରା ଆଦୃତ ହୋଇଛି। ସାରସ୍ୱତ ସାଧନା ପାଇଁ ସେ ବହୁ ଅନୁଷ୍ଠାନରୁ ସମ୍ମାନୀତ ହୋଇଛନ୍ତି।

ତାରପୁର ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜରୁ ବ୍ୟାଟେରି ଚୋରି

# ଚୋରି ଜିନିଷ ଉଦ୍ଧାର, ୨ ଅଟକ

**ରଘୁନାଥପୁର,୩।୧୨(ଡି.ଏନ.ଏ.)**

ରଘୁନାଥପୁର ଥାନା ପୂରଣ ଓଡପଡାଠାରେ ସପ୍ତାହକ ମଧ୍ୟରେ ହୋଇଥିବା ୧ ଲକ୍ଷ ୭୦ ହଜାର ଟଙ୍କା ଲୁଟ୍ ଓ ରବିବାର ବିଳମ୍ବିତ ରାତିରେ ଗୋକୁଳପୁରସ୍ଥିତ ତାରପୁର ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜରୁ ବ୍ୟାଟାରି ଚୋରି ଘଟଣା ନୂତନ ଭାବେ ଯୋଗ ଦେଇଥିବା ଆଇଆଇସିଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ମଧ୍ୟରାତିରେ ଦୁର୍ବୃତ୍ତମାନେ ଏକ୍ସଚେଞ୍ଜରେ ଲାଗିଥିବା ଆଲଡ୍ରପ୍ ଓ ଭିତର ଲକ୍ କାଟି ଲୁଟି ନେଇଛନ୍ତି। ୧୯ଟି ବ୍ୟାଟେରି ସହ ଏକ ଜେନେରେଟର୍ ବ୍ୟାଟେରି ଏକ୍ସଚେଞ୍ଜଟି ଲାଇନ୍ ଗଲେ ସମ୍ପୂର୍ଣ୍ଣ ଅଚଳ ହୋଇପଡୁଛି। ଏ ସମ୍ପର୍କରେ ଜେଟିଓ ପ୍ରଣବ କୁମାର ମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କଲା ପରେ ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରିଛି। ଲୁଟ୍ ଜିନିଷ ଏକ ଅଟୋରେ ଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସଚୋରି ବ୍ୟାଟେରିକୁ ନିଜ ହେପାଜତକୁ ନେବାସହ ୨ ଜଣଙ୍କୁ ଅଟକ ରଖିଛି। ପୋଲିସ ନଂ. ୧୦୧/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ କଟକ-ପାରାଦୀପ ରାସ୍ତା ପାର୍ଶ୍ୱରେ ଥିବା ଏହି ଏକ୍ସଚେଞ୍ଜରୁ ପୂର୍ବରୁ ଥରେ ମଧ ବ୍ୟାଟେରି ଚୋରି ହୋଇଥିଲା। ଏକ୍ସଚେଞ୍ଜଟି ଏକ ବିଲ ମଧ୍ୟରେ ଥିବାରୁ ଲୁଟେରାମାନେ ଏହାକୁ ଟାର୍ଗେଟ୍ କରୁଛନ୍ତି। ସମ୍ପୃକ୍ତ ବିଭାଗ ପକ୍ଷରୁ ସିକ୍ୟୁରିଟି ଗାର୍ଡର ବ୍ୟବସ୍ଥା କରାଯାଇନାହିଁ। ପୋଲିସର ଦୁର୍ବଳ ପାଟ୍ରୋଲିଂ ବ୍ୟବସ୍ଥାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସକ୍ରିୟ ହୋଇ ଉଠିଛନ୍ତି। ଏଥିରେ ଆନ୍ତଃରାଜ୍ୟ ଡକାୟତଙ୍କ ହାତ ଥିବା ଅନୁମାନ କରାଯାଉଛି।


ପୋଲିସ ଜବତ କରିଥିବା ବ୍ୟାଟେରି।

■ ସର୍ବଭାରତୀୟ ବୃହତ୍ ବନ୍ଦର କ୍ରିକେଟ

# ବମ୍ବେ, କାଣ୍ଡଲା ଓ ବିଶାଖାପାଟଣା ବିଜୟୀ

**ପାରାଦୀପ,୩।୧୨(ସ୍ୱ.ପ୍ର.)**

ପାରାଦୀପ ବନ୍ଦରର ଗୋପବନ୍ଧୁ ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ବୃହତ ବନ୍ଦର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ ସୋମବାର ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଯଥାକ୍ରମେ ବମ୍ବେ, କାଣ୍ଡଲା ଓ ବିଶାଖାପାଟଣା ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ବମ୍ବେ ଓ ମୁର୍ମୁଗାଓଁ ପୋର୍ଟ ମଧ୍ୟରେ ହୋଇଥିଲା। ଏଥିରେ ମୁର୍ମୁଗାଓଁ ପ୍ରଥମେ ବ୍ୟାଟିଂ କରି ୧୯.୦୫ ଓଭରରେ ୯୭ରନ୍ କରିଥିଲା। ଜବାବରେ ବମ୍ବେ ପୋର୍ଟ ମାତ୍ର ୭.୦୧ ଓଭରରେ ୧ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଚିଦାମ୍ବରନମ ଓ କାଣ୍ଡଲା ପୋର୍ଟ ମଧ୍ୟରେ ହୋଇଥିଲା। କାଣ୍ଡଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୮୯ରନ୍ କରିଥିଲା। ଜବାବରେ ଚିଦାମ୍ବରନମ୍ ୧୭.୦୪ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୬୧ ରନ୍ କରିଥିଲା। ଉକ୍ତ ମ୍ୟାଚରେ କାଣ୍ଡଲା ଟିମ୍‌ର ରୋହିତ ଇମ୍ରାନିଆ ୧୦୧ ରନ୍ କରିଥିଲେ। ତୃତୀୟ ମ୍ୟାଚ୍ ବିଶାଖାପାଟଣା ଓ ନିୟୁମାଙ୍ଗାଲୋର ମଧ୍ୟରେ ହୋଇଥିଲା। ବିଶାଖାପାଟଣା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ୍ ହରାଇ ୧୪୧ ରନ୍ କରିଥିଲା। ଜବାବରେ ନିୟୁମାଙ୍ଗାଲୋର ୧୯.୦୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ରନ୍ କରିବାକୁ ସକ୍ଷମ ହୋଇଥିଲା। ମଙ୍ଗଳବାର ୨ଟି ମ୍ୟାଚ ହେବ ବୋଲି ଆୟୋଜକ ପୋର୍ଟ କ୍ରୀଡ଼ା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ବିରିଡ଼ି,୩।୧୨ (ଡି.ଏନ.ଏ)**

ଜିଲା ନିର୍ବାଚନ ଆୟୋଗ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଜଗତ୍‌ସିଂହପୁର ପକ୍ଷରୁ ସୋମବାର ବିରିଡ଼ି ବ୍ଲକ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଏଥିରେ ଭିନ୍ନକ୍ଷମମାନଙ୍କୁ ଭୋଟ୍ ଦାନ, ଇଭିଏମ୍‌ର ବ୍ୟବହାର ସମ୍ପର୍କରେ ବୁଝାଯାଇଥିଲା। କାର୍ଯ୍ୟକ୍ରମକୁ ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶରତ ଚନ୍ଦ୍ର ମହାରଣା ପରିଚାଳନା କରିଥିଲେ।

## କାଳିଆପାଟରେ ସହଯୋଗ ପ୍ରଶିକ୍ଷଣ ଶିବିର


ସହଯୋଗ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପ୍ରଶିକ୍ଷକ।

**କୁଜଙ୍ଗ,୩।୧୨(ସ୍ୱ.ପ୍ର)**

କାଳିଆପାଟ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନରେ ସହଯୋଗ-୨ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ସାଧନକେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗୋପିଆକୁଦ ପ୍ରାଥମିକ ବିଦ୍ୟାଳୟରେ ପ୍ରଶିକ୍ଷଣ ଦିଆଯାଇଛି। ଶିବିରକୁ ଗୋପିଆକୁଦ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ସଞ୍ଜୟ କୁମାର ଦଳାଇ, ପ୍ରଦୀପ କୁମାର ତରାଇ, କ୍ଷୀରୋଦ ବେହେରା, ବସନ୍ତ କୁମାର ନାୟକ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ସାଧନକେନ୍ଦ୍ର ସଂଯୋଜକ ଗୌରାଙ୍ଗ ଚରଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ସଂଗଠନର ସଫେଇ

**କୁଜଙ୍ଗ,୩।୧୨(ସ୍ୱ.ପ୍ର)**

ପଙ୍କପାଳସ୍ଥିତ ରାଣୀ ଲକ୍ଷ୍ମୀବାଈ କର୍ମଜୀବୀ ମହିଳା ସଂଗଠନ ପକ୍ଷରୁ ପଙ୍କପାଳ ଗ୍ରାମରେ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସଂଗଠନର ସଭାନେତ୍ରୀ ସୌଦାମିନୀ ଦାଶଙ୍କ ନେତୃତ୍ୱରେ ପଙ୍କପାଳ ସରପଞ୍ଚ ମିନାକ୍ଷୀ ଦାସ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ପାଦିକା ତିଲୋତ୍ତମା କଣ୍ଠ, ୱାର୍ଡ ସଭ୍ୟା ନରହରୀ ନାୟକ, ଗୀତାଞ୍ଜଳି ସାମନ୍ତରାୟ, ସରସ୍ୱତୀ ନାୟକ, ମଞ୍ଜୁଲତା ସେଠୀ, ମନୋରମା ଦାଶ, ସତ୍ୟଭାମା ଦାଶ, ଅନୁସୟା କର, ଲକ୍ଷ୍ମୀପ୍ରିୟା ନାୟକ, ପଲିଶ୍ରୀ ମହାନ୍ତି, ଅନୀତା କର, ବିଷ୍ଣୁପ୍ରିୟା ମିଶ୍ର, ମୀନତୀ ଦାସ, ତରୁଲତା ଦାସ, ଭାରତୀ ପରିଡା, ଅନୀତା ନାୟକ ପ୍ରମୁଖ ସଭ୍ୟା ଓ ନାରୀନେତ୍ରୀ ଯୋଗ ଦେଇଥିଲେ।

# ଚିଙ୍ଗୁଡ଼ି ଘେରିରେ ପଶ୍ଚିମବଙ୍ଗ ଶ୍ରମିକଙ୍କ ମୃତ୍ୟୁ

**କୁଜଙ୍ଗ,୩।୧୨(ସ୍ୱ.ପ୍ର.)**

ଗଡ଼କୁଜଙ୍ଗ ପଞ୍ଚାୟତ ପୋଲାଙ୍ଗ ନିକଟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ଚିଙ୍ଗୁଡ଼ି ଘେରିରେ ନିଜ ପୁତ୍ର ସାମ୍ନାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ପଶ୍ଚିମବଙ୍ଗର ଖୋକା ଦା(୫୦)। ସକାଳେ ସେ ଡିଜେଲ ମେସିନ୍‌ରେ ତେଲ ପକାଉଥିବାବେଳେ ତାଙ୍କ ଲୁଙ୍ଗି ମେଶିନ ଟର୍‌ବାଇନ୍ ଭିତରେ ପଶିଯାଇଥିଲା। ତେଣୁ ସେ ଟାଣି ହୋଇଯାଇଥିଲେ। ଏପରିକି ମୋଡିହୋଇ ମେଶିନରେ ଲାଖି ରହିଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। କୁଜଙ୍ଗ ଅଞ୍ଚଳର ଜଣେ ଘେରୀ ମାଲିକଙ୍କ ପାଖରେ ଦୀର୍ଘଦିନ ହେବ ସେ ନିଜ ପୁଅ ସହ ଆସି କାମ କରୁଥିଲେ। ଅଭୟଚାନ୍ଦପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଖବରପାଇ ମୃତକଙ୍କ ପରିବାର କୁଜଙ୍ଗ ଆସୁଛନ୍ତି। ସେମାନେ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳିଯାଇଛି।

## ଗୌର ବିହାର ପ୍ରତିଷ୍ଠା ଉତ୍ସବ

**ବାଲିକୁଦା,୩।୧୨(ସ୍ୱ.ପ୍ର.)**

ନାମଯଜ୍ଞ ସଂସ୍କାର ସମିତି ଆନୁକୂଲ୍ୟରେ ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତର କୁଳିଆଗାଁରେ ନିର୍ମିତ ଗୌର ବିହାରର ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଗୌରବିହାର ଉଦ୍‌ଘାଟନ କରିଥିଲେ। ସ୍ୱର୍ଗତ ବାମଦେବ ଲେଙ୍କାଙ୍କ ଭୂମିଦାନରେ ଏହା ପ୍ରତିଷ୍ଠା ହୋଇଛି। ପଣ୍ଡିତ ରବିନାରାୟଣ ନନ୍ଦଶର୍ମା, ବୈଷ୍ଣବ ସେବକ ନରହରି ଦାସ ଆହୁତି ପ୍ରଦାନ କରିଥିଲେ। ୨ ଶହରୁ ଅଧିକ ସଂକୀର୍ତ୍ତନମଣ୍ଡଳି ଏଥିରେ ଯୋଗ ଦେଇଥିଲେ। ଏଥିସହ କଳସ ଶୋଭାଯାତ୍ରା କରାଯାଇଥିଲା। କେଳିମଠର ମହନ୍ତ ମହାରାଜ ସିଦ୍ଧେଶ୍ୱର ଦାସ, ତୁଳଙ୍ଗ ପର୍ଶୁରାମ କ୍ଷେତ୍ରର ବାବା ଜଗନ୍ନାଥ ଦାସ ମହାରାଜ, ରାମପଙ୍କଜ ଦାସ, ଦିବ୍ୟକୃଷ୍ଣ ଦାସ, ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ କୁମାର ପଣ୍ଡା, ବିଚିତ୍ରାନନ୍ଦ ସ୍ୱାଇଁ, ନାଥ ମହାନ୍ତି, ଆର୍ତ୍ତବନ୍ଧୁ ଦାସ, ଦିଲୀପ ମୁଦୁଲି, ଦିବାକର ମନ୍ତ୍ରୀ, ନଗେନ୍ଦ୍ରନାଥ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ତ୍ରୀଙ୍କ ସ୍ମୃତିରେ ୩ଲକ୍ଷ ଟଙ୍କା ଦାନ କଲେ ଡାକ୍ତର


ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

**ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

**ପାରାଦୀପ,୩।୧୨(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଦ୍ୱାରା ପରିଚାଳିତ ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନ 'ଜାଗୃତି' ପରିସରରେ ସୋମବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ସମ୍ପାଦକ ତଥା ବନ୍ଦର କର୍ମଚାରୀ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଚିବ ୟୁ.ଆର. ମୋହନ ରାଜୁ, ଟିସ୍କୋ କମ୍ପାନୀ ମୁଖ୍ୟ ୟୁ.କେ. ଦୁବେ, ବନ୍ଦର ଡେପୁଟି ସିଏମ୍‌ଓ ଡା. ରାଜକିଶୋର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ବନ୍ଦର ପ୍ରଶାସନ ପକ୍ଷରୁ ନିର୍ମିତ ଏକ ଶିଶୁ ଉଦ୍ୟାନକୁ ଅଧକ୍ଷ ରାୟ ଲୋକାର୍ପଣ କରିଥିଲେ। ଏଥିସହ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଯାତାୟାତ ସୁବିଧା ପାଇଁ ଏକ ୫୦ ସିଟ୍ ବିଶିଷ୍ଟ ବସ୍ ଦେବାକୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଡେପୁଟି ସିଏମ୍‌ଓ ଡା. ମଲ୍ଲିକ ତାଙ୍କ ସ୍ୱର୍ଗତା ସ୍ତ୍ରୀ ଡା. ପ୍ରତିମା ବେହେରାଙ୍କ ସ୍ମୃତିରେ ୩ଲକ୍ଷ ଟଙ୍କାର ଅର୍ଥ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ପାଇଁ ଦେଇଥିଲେ। ସେହିପରି ବନ୍ଦର ଲେଡିଜ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ ୨୦ ହଜାର, ସଚିବ ମୋହନ ରାଜୁ ୫ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସେମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସ୍କୁଲ ଅଧକ୍ଷା ନଳିନୀ ମହାନ୍ତି, ମାର୍ଶାଲ ଟିଟୋ ସଂଚାଳନ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଡିସେମ୍ବର, ୨୦୧୮



ନୈରାଶ୍ୟର ସମ୍ମୁଖୀନ ହେଲେ ଭୀରୁ ଆତ୍ମହତ୍ୟା କରେ ଓ ସାହସୀ କର୍ମରତ ହୋଇଉଠେ।
- ଆଲ୍‌ଫ୍ରେଡ୍ ମାର୍ଶାଲ



## ସଂକ୍ଷେପରେ

### ଦୁର୍ଘଟଣାରେ ୪ ଗୁରୁତର

ଯାଜପୁର ରୋଡ,୩।୧୨(ନି.ପ୍ର.)- ୨୦ ନଂ ଜାତୀୟ ରାଜପଥର ରଗଡ଼ି ପଲିଟେକ୍‌ନିକ କଲେଜ ନିକଟରେ ଦୁଇ ବାଇକ୍ ମଧ୍ୟରେ ସୋମବାର ରାତିରେ ଦୁର୍ଘଟଣା ଘଟି ୪ ବାଇକ୍ ଆରୋହୀ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତମାନେ ହେଲେ ଖମିଗାଁର ହାପିନ କୁମାର ପେରେଇ, ଚିନ୍ମୟୀ ପେରେଇ, କୋରାବନ୍ଧୀ ଗ୍ରାମର ପ୍ରତାପ ମଲିକ ଓ ଉପେନ୍ଦ୍ର ମଲିକ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଦମକଳବାହିନୀ ଉଦ୍ଧାର କରି ଯାଜପୁର ରୋଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ୫ ଅନାଥ ଶିଶୁ ଉଦ୍ଧାର

ଯାଜପୁରରୋଡ଼, ୩।୧୨(ନି.ପ୍ର)- ବ୍ୟାସନଗର ପୌରାଞ୍ଚଳର ଚୂନଭାଟି ଅଞ୍ଚଳରୁ ସୋମବାର ୫ଜଣ ଅନାଥ ଶିଶୁଙ୍କୁ ଉଦ୍ଧାର କରାଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଅନାଥ ଶିଶୁଙ୍କୁଠାବ କରିଥିଲେ।

### ଜାତୀୟ କବାଡ଼ି ଟୁର୍ଣ୍ଣାମେଣ୍ଟରେ ଛାତ୍ରଙ୍କ କୃତିତ୍ୱ

କୋରେଇ, ୩।୧୨(ସ୍ୱ:ପ୍ର)- କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ହାଇସ୍କୁଲର ଛାତ୍ର ଜଗଦୀଶ ପଣ୍ଡା ଜାତୀୟ ବିଦ୍ୟାଳୟ ସ୍ତରୀୟ କବାଡ଼ି ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଛନ୍ତି। ତେଲେଙ୍ଗାନା ରାଜ୍ୟ ଏସ୍‌ଏସ୍‌ସିଏଫ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟସ୍ତରୀୟ ଜାତୀୟ କବାଡ଼ି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଟିମ୍ ଭାଗ ନେଇଥିଲା। ଏହି ଦଳରେ ଗୋଳେଇପୁର ପଞ୍ଚାୟତ ହାଇସ୍କୁଲ ଛାତ୍ର ଜଗ୍‌ଦୀଶ ଟିମ୍‌ରେ ସ୍ଥାନପାଇ ବେଶ୍ ଭଲ ପ୍ରଦର୍ଶନ କରଥିଲେ। ଫାଇନାଲରେ ଶକ୍ତିଶାଳୀ ତେଲେଙ୍ଗାନାକୁ ଏକ ତରଫାଭାବେ ଓଡ଼ିଶା ପରାସ୍ତ କରିଥିଲା। ଏ ନେଇ ବିଭିନ୍ନ ମହଲରୁ ଜଗଦୀଶଙ୍କୁ ଶୁଭେଚ୍ଛା ଜଣାଯାଇଛି। ଜଗଦୀଶ୍ ପ୍ରଧାନ ଶିକ୍ଷକ ଓ ବାପା ମା'ଙ୍କ ସମେତ କ୍ରୀଡ଼ା ଶିକ୍ଷକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ନିର୍ବାଚିତ



କୋରେଇ,୩।୧୨(ସ୍ୱ:ପ୍ର)
ପାଣିକୋଇଲିସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ସୋମବାର ନୂତନ କର୍ମକର୍ତ୍ତାଙ୍କ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ସ୍ଥାନୀୟ ଶିଶୁମନ୍ଦିର ପରସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଭାପତିଭାବେ ନୃସିଂହଚରଣ ଦଳାଇ, ଉପସଭାପତି ଭାବେ ଉମାକାନ୍ତ ଖଣ୍ଡାଇ ଓ ସତ୍ୟାନନ୍ଦ ମହାରଣା, ସାଧାରଣ ସମ୍ପାଦକ ଭାବେ ସୁରେନ୍ଦ୍ର କୁମାର ରାୟ, ଯୁଗ୍ମସମ୍ପାଦକ ମଦନମୋହନ ବେହେରା ଓ ଗୋକୁଳାନନ୍ଦ ମହାରରଣାଙ୍କୁ ଚୟନ କରାଯାଇଛି। ଏହିପରି କାର୍ଯ୍ୟକାରୀ ସଭ୍ୟଭାବେ ଉତ୍ସବ ମହାରଣା, ଚନ୍ଦ୍ରମଣି ସ୍ୱାଇଁ, ରାମଚନ୍ଦ୍ର ମଲ୍ଲିକ, ନରେନ୍ଦ୍ରକୁମାର ଘଡାଇ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଏହି ଅବସରେ ଗଠିତ ଉପଦେଷ୍ଟା ମଣ୍ଡଳୀରେ ବ୍ରଜବନ୍ଧୁ ଲେଙ୍କା, ରଘୁନାଥ ମାଝି, ଅଦ୍ୱୈତଚରଣ ଦାସ ଓ ରାମଚନ୍ଦ୍ର ବେହେରା ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି।

### ■ଅଟଓ୍ୱାଲ କମ୍ପାନୀରେ ଶ୍ରମିକ ଶୋଷଣ ଅଭିଯୋଗ

# ଆନ୍ଦୋଳନ ଚେତାବନୀ ଦେଲେ କର୍ମଚାରୀ

କାଳିଆପାଣି , ୩।୧୨(ଡି.ଏନ୍.ଏ.)




■ ୨ରୁ ୩ମାସ ବ୍ୟବଧାନରେ ମିଳୁଛି ୧୫ଦିନର ମଜୁରି ।
■ ୩୮୦ରୁ ଊର୍ଦ୍ଧ୍ୱ କର୍ମଚାରୀ କମ୍ପାନୀ ଅଧୀନରେ ଶିଫ୍ଟ ଅନୁସାରେ କାମ କରିଆସୁଛନ୍ତି।

ସୁକିନ୍ଦା ସ୍ଥିତ କ୍ରୋମାଇଟ ଉତ୍ପାଦନ କାର୍ଯ୍ୟରେ ଅଟୱାଲ ପ୍ରାଇଭେଟ ଲିମିଟେଡ଼ କମ୍ପାନୀରେ କାର୍ଯ୍ୟରତ ଶ୍ରମିକମାନେ ଶୋଷଣର ଶିକାର ହେଉଛନ୍ତି । କମ୍ପାନୀ ୨ରୁ ୩ ମାସ ବ୍ୟବଧାନରେ କର୍ମଚାରୀଙ୍କୁ ୧୫ ଦିନର ମଜୁରି ପ୍ରଦାନ କରୁଛି। ଏ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିକଟରେ କର୍ମଚାରୀମାନେ କମ୍ପାନୀ ଜିଏମ୍ ମଳୟ ରଞ୍ଜନ ପଟ୍ଟନାୟକଙ୍କୁ ଏ ବାବଦରେ ଜଣାଇବାକୁ ଯାଇଥିଲେ ମଧ୍ୟ ଜିଏମ୍ କୌଣସି କର୍ମଚାରୀଙ୍କୁ ସାକ୍ଷାତ ଦେଉ ନ ଥିବା କେତେଜଣ କର୍ମଚାରୀ କହିଛନ୍ତି।

ସୁକିନ୍ଦାରେ କ୍ରୋମାଇଟ ଉତ୍ପାଦନ କରୁଥିବା ଅଟୱାଲ ପ୍ରାଇଭେଟ ଲିମିଟେଡ଼ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ନିୟୋଜିତ ରହିଛି। ୩୮୦ରୁ ଊର୍ଦ୍ଧ୍ୱ କର୍ମଚାରୀ କମ୍ପାନୀ ଅଧୀନରେ ସିଫ୍ଟ ଅନୁସାରେ କାମ କରିଆସୁଛନ୍ତି। ଦୀର୍ଘବର୍ଷ ଧରି କମ୍ପାନୀ ନିଜର ଆଧିପତ୍ୟ ବିସ୍ତାର କରିଥିବାରୁ ଶ୍ରମିକଙ୍କୁ ମନଇଚ୍ଛା ଦରମା ପ୍ରଦାନ କରୁଥିବା ଜଣାପଡ଼ିଛି। କମ୍ପାନୀ କର୍ତ୍ତୃପକ୍ଷ ପ୍ରତିମାସରେ କର୍ମଚାରୀ ଓ ଶ୍ରମିକଙ୍କୁ ଦରମା ଦେବା ବଦଳରେ ଏବେ ଦୁଇ ମାସ ପରେ ୧୫ ଦିନର ଦରମା ଦେଉଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଶ୍ରମିକମାନଙ୍କ ମଧ୍ୟରେ ତିକ୍ତତା ଯୋଗୁ ଶ୍ରମିକ ସଂଗଠନ ଭାଙ୍ଗି ଯାଇଥିବାବେଳେ କମ୍ପାନୀର ଏଭଳି ଅତ୍ୟାଚରରେ ଶ୍ରମିକମାନେ ଏବେ ଚିନ୍ତାରେ ପଡିଯାଇଛନ୍ତି। ନିକଟରେ ବୋନସ୍ ପ୍ରଦାନରେ ବିଳମ୍ବ କରିବାକୁ ନେଇ ଶ୍ରମିକମାନେ ଆନ୍ଦୋଳନ କରିଥିଲେ। ପରେ ଟାଟା କମ୍ପାନୀ କର୍ତ୍ତୃପକ୍ଷ ହସ୍ତକ୍ଷେପ ପରେ ବୋନସ ଶ୍ରମିକମାନଙ୍କୁ ପ୍ରଦାନ କରାଯାଇଥିଲା। ଏବେ ଅଟୱାଲ କମ୍ପାନୀ ନିଜ ଇଚ୍ଛାମୁତାବକ ଦରମା ଦେଉଥିବାରୁ ବହୁ ପରିବାର ପିଲାମାନଙ୍କ ପାଠ ପଢାଠୁ ଆରମ୍ଭ କରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ଶ୍ରମିକମାନେ କହିଛନ୍ତି। ବହୁବାର କର୍ମଚାରୀମାନେ କମ୍ପାନୀ ଜିଏମ୍‌ଙ୍କୁ ଏ ବାଦରେ ଜଣାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିବା କହିଛନ୍ତି। ଏ ନେଇ କମ୍ପାନୀ ଜିଏମ୍ ମଳୟ ପଟ୍ଟନାୟକଙ୍କୁ ପଚାରିବାରୁ କମ୍ପାନୀ ତାର ନିଜସ୍ୱ ନିୟମ ଅନୁସାରେ କାର୍ଯ୍ୟକରିଆସୁଛି। ତେବେ କମ୍ପାନୀର ସୁବିଧା ଅନୁଯାୟୀ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯିବ ବୋଲି କହିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ କର୍ମଚାରୀମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ଆବାସ ବଣ୍ଟନରେ ଅନିୟମିତତା ଅଭିଯୋଗ

ବିରଜାକ୍ଷେତ୍ର,୩।୧୨(ଡି.ଏନ୍.ଏ)

ଯାଜପୁର ବ୍ଲକ ନାଥସାହି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଗ୍ରାମବାସୀ ସୋମବାର ଜନଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ୨୦୧୭-୧୮ ଓ ୨୦୧୮-୧୯ରେ ନାଥସାହି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରକୃତ ହିତାଧିକାରୀଙ୍କୁ ଗୃହ ବଣ୍ଟନ କରା ନ ଯାଇ କୋଠାଘର ଥିବା ବ୍ୟକ୍ତିଙ୍କୁ ଗୃହ ବଣ୍ଟନ କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଦୁଇ ଆର୍ଥିକ ବର୍ଷରେ ୧୨ଜଣ କୋଠାଘର ଥିବା ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ବଣ୍ଟନ କରାଯାଇଛି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ ଆବାସ ଗୃହ ହାତେଇଥିବା ବ୍ୟକ୍ତିମାନେ ଗୃହ ନ କରି ପୁରୁଣା ଘରକୁ ଦେଖାଇ ଅର୍ଥ ଉଠାଣ କରିଥିବା ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀ ଜିଲାପାଳଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ, ସ୍ଥାନୀୟ ବିଡିଓ ଓ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ପ୍ରକୃତ ହିତାଧିକାରୀଙ୍କୁ ଚୟନ ନ କରାଯାଇ ମନମୁଖୀ ଭାବେ ପ୍ରଧାନମନ୍ତ୍ରୀ ଆବାସ ଗୃହ ବଣ୍ଟନ କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଯାଜପୁର ବ୍ଲକ ବିଡିଓ ସୌରଭ ଚକ୍ରବର୍ତ୍ତୀଙ୍କୁ ପଚାରିବାରେ ନାଥସାହି ଗ୍ରାମବାସୀ କରିଥିବା ଅଭିଯୋଗ ପାଇଛି। ଏହାର ସତ୍ୟାସତ୍ୟ ପାଇଁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି ବୋଲି ପ୍ରକାଶ କରିଥିଲେ। ଯଦି ଘଟଣା ସତ୍ୟ ହୁଏ ତେବେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ସୌରଭ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

# ରାସ୍ତା ଅବରୋଧକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବିରଜାକ୍ଷେତ୍ର,୩।୧୨(ଡି.ଏନ୍.ଏ)

ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତ ବଡ଼ବନ୍ତ ଗ୍ରାମ ନଦୀବନ୍ଧ ରାସ୍ତା ଅବରୋଧ କରି ରଖିଥିବା ବ୍ୟକ୍ତିଙ୍କ ବିରୋଧରେ ଗ୍ରାମବାସୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ସୋମବାର ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ନଦୀବନ୍ଧ ରାସ୍ତାରୁ ମହାଦେବ ମନ୍ଦିର ପର୍ଯ୍ୟନ୍ତ ଏକ ଢ଼ଳେଇ ରାସ୍ତା ନିର୍ମାଣ ପାଇଁ ବ୍ଲକ ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଥିଲା। କିନ୍ତୁ ରାସ୍ତା ନିର୍ମାଣ ପୂର୍ବରୁ ଗ୍ରାମର ଜଣେ ବ୍ୟକ୍ତି ରାସ୍ତା ଅବରୋଧ କରି ରଖିଥିବା ଜଣାପଡ଼ିଥିଲା। ଗ୍ରାମବାସୀମାନେ ଅବରୋଧକୁ ହଟାଇବା ପାଇଁ ଜୁଲାଇ ୭ରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ନକଲ ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କୁ ପ୍ରଦାନ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଗ୍ରାମବାସୀ ପୁନଶ୍ଚ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ରାସ୍ତା ମାପ କରାଯାଇ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲ ପ୍ରଶାସନ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ସ୍ଥାନୀୟ ଆରଆଇ ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ତହସିଲ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଥିଲେ ମଧ୍ୟ ସରକାରୀ ଅମିନ ଦ୍ୱାରା ରାସ୍ତା ମାପ କରାଯାଇ ନାହିଁ କି ଜବରଦଖଲ ଉଚ୍ଛେଦ କରାଯାଇ ନାହିଁ। ଜବରଦଖଲକାରୀ ଜଣେ ଜନପ୍ରତିନିଧିଙ୍କ ଘରେ ରହି କାର୍ଯ୍ୟ କରୁଥିବାରୁ ଉକ୍ତ ବ୍ୟକ୍ତିଙ୍କୁ ରାସ୍ତା ଅବରୋଧରୁ ହଟାଇବା ପ୍ରଶାସନ ପଛଘୁଞ୍ଚା ଦେଉଥିବା ଅଭିଯୋଗ ହୋଇଛି। ଏହା ପ୍ରତିବାଦରେ ସିମିଳିଆ ପଞ୍ଚାୟତ ବଡ଼ବନ୍ତ ଗ୍ରାମର ପ୍ରମୋଦ ମଲ୍ଲିକ, ନିରଞ୍ଜନ ପଣ୍ଡା, ଆନନ୍ଦ ମଲ୍ଲିକ, ନରେନ୍ଦ୍ର ମହାନ୍ତି, ସଞ୍ଜୟ ମଲ୍ଲିକ ସମେତ ଶତାଧିକ ଗ୍ରାମବାସୀ ସୋମବାର ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱର୍ଗରଥ ସେବା ଶୁଭାରମ୍ଭ

ସୁକିନ୍ଦା, ୩।୧୨(ଡି.ଏନ୍.ଏ.)

ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଧାୟକ ପ୍ରୀତି ରଞ୍ଜନ ଘଡାଇଙ୍କ ଦ୍ୱାରା ସୋମବାର ଏକ ସ୍ୱର୍ଗରଥ ଗାଡି ସେବା ପତାକା ଦେଖାଇ ଶୁଭାରମ୍ଭ ହୋଇଯାଇଛି। ବ୍ଲକର ୨୫ଟି ପଞ୍ଚାୟତର ପ୍ରାୟ ୯୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିର୍ଭର କରନ୍ତି। ଅଧିକାଂଶ ସମୟରେ ମୃତକଙ୍କୁ ନେବାରେ ବେସରକାରୀ ଗାଡି ଉପରେ ନିର୍ଭର କରିବାକୁ ପଡିଥାଏ। ଏ ନେଇ ପୋଲିସଠାରୁ ଆରମ୍ଭ କରି ସାଧାରଣଲୋକେ ମଧ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖିନ ହୋଇଥାନ୍ତି। ଦୀର୍ଘଦିନ ଧରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଶବ ବାହକ ଗାଡି ନିମନ୍ତେ ଦାବି ହୋଇଆସୁଥିଲା। ଏ ନେଇ ବିଧାୟକ ଘଡାଇ ଖଣିଜ ପାଣ୍ଠି ଅର୍ଥରୁ ଏକ ଶବ ବାହକ ଗାଡି ପାଇଁ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ। ଜିଲାପାଳଙ୍କ ଅନୁମୋଦନ କ୍ରମେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଗତ ଶନିବାର ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉକ୍ତ ଗାଡି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ପଦ୍ମାବତୀ ଜେନା, ଉପାଧ୍ୟକ୍ଷ ଦିବ୍ୟ ରଞ୍ଜନ ବରାଳ, ସରୋଜିନୀ ରାଜ ଏବଂ ସରପଞ୍ଚ ମନ୍ଦାକିନୀ ସେଠୀଙ୍କ ସମେତ ଶତାଧିକ ଜନସାଧାରଣ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଉପସ୍ଥିତ ଥିଲେ।

### ■ବଚସାକୁ କେନ୍ଦ୍ରକରି ୨ ଦୋକାନ ପୋଡ଼ି ଦେଇଥିବା ଅଭିଯୋଗ

# ଅଭିଯୁକ୍ତଙ୍କୁ ଗିରଫ ନ କଲେ ଆନ୍ଦୋଳନ ଚେତାବନୀ

ଦଶରଥପୁର,୩।୧୨(ଡିଏନ୍ଏ)



ପୋଡି ଯାଇଥିବା ଦୋକାନ ଘର ।

ଦଶରଥପୁର ବ୍ଲକ ଅଧୀନସ୍ଥ ନନ୍ଦିପୁର ବଜାରରେ ରାଶନ ଓ ପରିବା ଦୋକାନ କରିଥିବା ସ୍ଥାନୀୟ ମିରଜାପୁର ଗ୍ରାମର ବସନ୍ତ ଦାସଙ୍କ ଦୋକାନରେ ୨ ଜଣ ବ୍ୟକ୍ତି ରବିବାର ବିଳମ୍ବିତ ରାତିରେ ନିଆଁ ଲଗାଇ ଦେଇଥିଲେ। ଏ ନେଇ ବସନ୍ତ ସୋମବାର ଝୁଞ୍ଝୁରୀ ପୋଲିସ୍ ବିଟ୍ ହାଉସ୍‌ରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଛି। ନଚେତ ବ୍ୟବସାୟୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ବସନ୍ତ ନନ୍ଦିପୁର ବଜାରରେ ୨ଟି ଘର ଭଡ଼ାସୂତ୍ରରେ ନେଇ ରାଶନ ଦୋକାନ ଓ ପରିବା ଦୋକାନ କରିଥିଲେ। ତେବେ ରବିବାର ବସନ୍ତଙ୍କ ସହ କୌଣସି କାରଣକୁ ନେଇ ନନ୍ଦିପୁର ଦଳିତ ସାହିର ବଳରାମ ଯେନା (୫୫) ଓ ଜଡ଼ା ଦାସ (୩୫)ଙ୍କର ବଚସା ହୋଇଥିଲା। ଏହାପରେ ବସନ୍ତ ରାତି ୧୧ଟାରେ ଘରକୁ ଚାଲିଯିବା ପରେ ତାଙ୍କ ପୁଅ ସୁରେଶ ଦୋକାନରେ ଶୋଇଥିଲେ। ରାତି ପ୍ରାୟ ସାଢେ ୧୨ଟାରେ ଦୋକାନ ଭିତରେ ଧୂଆଁ ଦେଖି ସୁରେଶ ବାହାରକୁ ଆସିବା ପରେ ଦୋକାନ ନିକଟରେ ଛିଡା ହୋଇଥିବା ବଳରାମ ଓ ଜଡ଼ା ସେଠାରୁ ଦୌଡ଼ି ପଳାଉଥିବା ଦେଖିଥିଲେ ବୋଲି ବସନ୍ତ ଏତଲାରେ ଦର୍ଶାଇଛନ୍ତି। ଦଶରଥପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ୨ଟି ଦୋକାନ ଘରେ ଥିବା ସମସ୍ତ ଜିନିଷପତ୍ର, ଦୋକାନ ବାକ୍ସରେ ଥିବା ଟଙ୍କା ପୋଡ଼ି ପାଉଁଶ ହୋଇଯାଇଥିବା ବସନ୍ତ କହିଛନ୍ତି। ସୋମବାର ସକାଳୁ ବଜାରର କେତେଜଣ ବ୍ୟବସାୟୀଙ୍କ ସହ ବସନ୍ତ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ମଙ୍ଗଳପୁର ପୋଲିସ ଏତାଲା ନ ରଖି ଝୁଞ୍ଝୁରୀ ବିଟ୍ ହାଉସରେ ଅଭିଯୋଗ କରିବାକୁ କହି ଫେରାଇ ଦେଇଥିଲା। ଯାହାକୁ ନେଇ ନନ୍ଦିପୁର ବଜାରର ବ୍ୟବସାୟୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ବହୁ ସଂଖ୍ୟାରେ ବଜାରର ବ୍ୟବସାୟୀ ଝୁଞ୍ଝୁରୀ ବିଟ ହାଉସରେ ପହଞ୍ଚି ତୁରନ୍ତ ଦୋକାନ ପୋଡ଼ି ଅଭିଯୁକ୍ତଙ୍କୁ ଗିରିଫ କରିବା ଦାବି ନେଇ ହୋହାଲ୍ଲା କରିଥିଲେ। ଝୁଞ୍ଝୁରୀ ବିଟ୍ ହାଉସ ଅଧିକାରୀ ପ୍ରଭାସ ବେହୁରିଆ ଉତ୍ୟକ୍ତ ବ୍ୟବସାୟୀଙ୍କୁ ବୁଝାସୁଝା କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବାପରେ ବ୍ୟବସାୟୀମାନେ ସେଠାରୁ ଫେରିଥିଲେ। ତେବେ ଆସନ୍ତା ୨ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ରାସ୍ତାରୋକୋ କରିବାକୁ ନନ୍ଦିପୁର ବଜାରର ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି।

# ଛୋଟ ୧ ଟଙ୍କିଆ ମୁଦ୍ରା ଅଚଳ ଗୁଜବ: କାର୍ଯ୍ୟାନୁଷ୍ଠାନ ଦାବି

ଜେନାପୁର,୩।୧୨(ଡି.ଏନ.ଏ.)

ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ଛୋଟ ୧ଟଙ୍କିଆ ମୁଦ୍ରା ଅଚଳ ବିଷୟରେ ଅଦ୍ୟାବଧି କୌଣସି ନିର୍ଦ୍ଦେଶନାମା ଜାରି କରାଯାଇ ନାହିଁ । କିନ୍ତୁ ଯାଜପୁର ଜିଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର, ବୃନ୍ଦାଦେଇପୁର, ବାଲିସାହି, ଚଢେଇଧରା ଓ କବାଟବନ୍ଧ ଅଞ୍ଚଳରେ କିଛି ଅସାଧୁ ବ୍ୟବସାୟୀ ଓ ଦୋକାନୀ ଛୋଟ ୧ ଟଙ୍କିଆ ମୁଦ୍ରା ଆଉ ଚଳୁ ନାହିଁ ବୋଲି କହି ଗ୍ରାହକଙ୍କୁ ବିଭିନ୍ନ ସମୟରେ ଫେରାଇ ଦେଉଥିବା ଅଭିଯୋଗ ହେଉଛି। ଗ୍ରାହକମାନେ ଏହି ମୁଦ୍ରା ଚଳିବ ବୋଲି ସ୍ପଷ୍ଟ କହୁଥିବା ବେଳେ ଦୋକାନୀମାନେ ଏହାକୁ ଗ୍ରହଣ କରୁନାହାନ୍ତି । ଏହି ଗୁଜବକୁ ବିଶ୍ୱାସ କରି ଅଞ୍ଚଳର ଅନ୍ୟ ଦୋକାନୀମାନେ ମଧ୍ୟ ଏହି ମୁଦ୍ରାକୁ ନେବାକୁ ସମ୍ପୂର୍ଣ୍ଣ ମନା କରି ଦେଉଛନ୍ତି। ଫଳରେ ଗ୍ରାହକମାନେ ସେମାନଙ୍କ ନିକଟରେ ଥିବା ବହୁଳ ପରିମାଣର ଛୋଟ ଟଙ୍କିଆ ମୁଦ୍ରାକୁ ନେଇ ସ୍ଥାନୀୟ ହାଟ, ବଜାର ଓ ଦୋକାନରେ କୌଣସି କାରବାର କରିପାରୁ ନାହାନ୍ତି । ବିଶେଷ କରି ଗ୍ରାମାଞ୍ଚଳର ଗ୍ରାହକମାନେ ଏହି ମୁଦ୍ରାଗୁଡିକୁ ନେଇ କ'ଣ କରିବେ ବୋଲି ଦ୍ୱନ୍ଦ୍ୱରେ ପଡୁଛନ୍ତି। ତେଣୁ ବେଆଇନ ଭାବେ ମନଇଚ୍ଛା ଗୁଜବ ସୃଷ୍ଟି କରି ଗ୍ରାହକଙ୍କୁ ହଇରାଣ ହରକତ କରି ଆସୁଥିବା ଦୋକାନୀ ଓ ବ୍ୟବସାୟୀଙ୍କ ଉପରେ ଜେନାପୁର ପୋଲିସ ତରଫରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ଦୃଢ ଦାବି ହେଉଛି।

# ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ ମତଦାତା ପ୍ରଶିକ୍ଷଣ ଶିବିର

କୋରେଇ ,୩।୧୨(ସ୍ୱ.ପ୍ର.)

କୋରେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଭିନ୍ନକ୍ଷମ ମତଦାତାଙ୍କ ମତଦାନ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୋରେଇ ବିଡ଼ିଓ ହେମନ୍ତ କୁମାର ବିହାରୀଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୬୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଯୋଗଦେଇଥିଲେ। ଆସନ୍ତା ନିର୍ବାଚନରେ ନିର୍ବାଚନ କମିଶନ ବିଭିନ୍ନ ନୂଆ ନିୟମ ପ୍ରଚଳନ କରିବାକୁ ନିଷ୍ପତି ନେଇଥିବା ବେଳେ ଏନେଇ ଭିନ୍ନକ୍ଷମ ମାନେ କିଭଳି ସୁରୁଖୁରୁରେ ଭୋଟଦାନ କରିପାରିବେ ସେନେଇ ବିଡ଼ିଓ ବିହାରୀ ପ୍ରଶିକ୍ଷଣ ମାଧ୍ୟମରେ ଜଣାଇଥିଲେ। ଚଳିତ ଥର ପ୍ରଥମ ଥର ପାଇଁ 'ନୋଟା' ଓ 'ଭିଭିପୋର୍ଟ' ଭଳି ବ୍ୟବସ୍ଥା ଲାଗୁ କରାଯାଉଥିବାରୁ ସେନେଇ ଭିନ୍ନକ୍ଷମଙ୍କୁ ବିଭିନ୍ନ ସୂଚନା ଦେବା ସହିତ ବାଲାଟ୍ ମେସିନ୍, ପୋଲିଙ୍ଗ ମେସିନ୍ ଓ ଭିଭିପୋର୍ଟ ଆଦିର ବ୍ୟବହାରରେ ଭୋଟଦାନର ପ୍ରଶିକ୍ଷଣ ଦିଆଯାଇଥିଲା। ଚଳିତ ଥର ଭୋଟ ଗ୍ରହଣ ବେଳେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେବା ପରେ ମତଦାତାମାନେ ଦେଇଥିବା ଭୋଟ କେଉଁ ପ୍ରାର୍ଥୀ ବା ଦଳକୁ ଦେଲେ ସେ ନେଇ ଭିଭିପୋର୍ଟ ଜରିଆରେ ଦେଖିପାରିବେ । ଏଥିସହ କୌଣସି ପ୍ରାର୍ଥୀ ନିଜ ପସନ୍ଦର ହୋଇ ନ ଥିଲେ ନୋଟାରେ ଭୋଟ ଦେଇପାରିବେ। ସରକାରୀ ସ୍ତରରେ ମୋଟ ୨୧ ପ୍ରକାରର ଭିନ୍ନକ୍ଷମ ଥିବାବେଳେ ଦୃଷ୍ଟିହୀନ ଭିନ୍ନକ୍ଷମଙ୍କ ପାଇଁ ବ୍ରେଲି ସାହାଯ୍ୟ ଅବଗତ କରାଯିବାର ସରକାରୀ ବ୍ୟବସ୍ଥା କରାଯାଇଛି ବୋଲି ବିଡିଓ କହିଥିଲେ। କୋରେଇ ବ୍ଲକ୍ ବିଜୁ ଯୁବବାହିନୀ ସହଯୋଗରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ବ୍ଲକ୍‌ର ସମସ୍ତ ଭୋଟରଙ୍କୁ ପଞ୍ଚାୟତ ସ୍ତରରେ ପ୍ରଶିକ୍ଷଣ ଦିଆଯିବ ବୋଲି ବିହାରୀ କହିଥିଲେ। ଶିବିରରେ ଏସିଓ ଶ୍ରୀକାନ୍ତ ଉପାଧ୍ୟାୟ, ଜିପିଓ ପୂର୍ଣ୍ଣଚନ୍ଦ୍ର ପାତ୍ର, କୁମ୍ଭକର୍ଣ୍ଣ ଦଣ୍ଡପାଟ, ସରପଞ୍ଚ ଦିପ୍ତୀମୟୀ କୁଅଁର, ସରପଞ୍ଚ ସୌଭାଗ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ।

## ବିଶ୍ୱ ଦିବ୍ୟାଙ୍ଗ ଦିବସ

ଧର୍ମଶାଳା, ୩।୧୨(ଡି.ଏନ୍.ଏ.)

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚଣ୍ଡିଖୋଲ ଆଇନ ସ୍ୱାକ୍ଷର ଓ ସଚେତନା ଶିବିର ପକ୍ଷରୁ ସୋମବାର ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚଣ୍ଡିଖୋଲ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ତଥା ଚଣ୍ଡିଖୋଲ କୋର୍ଟ ବିଚାରପତି ନେହା ଅଗ୍ରୱାଲ୍ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଣ୍ଡିଖୋଲ ତାଲୁକ ଆଇନ ସେବା ପରିଚାଳନା କମିଟି ସଭ୍ୟ କୌଳାସ ଚନ୍ଦ୍ର ସାମଲ, ସବିତା ମିଶ୍ର, ସୁରେଶ ଚନ୍ଦ୍ର ପଣ୍ଡା, ଡାକ୍ତର ମାନସ ରଞ୍ଜନ ସ୍ୱାଇଁ, ସବିତାରାଣୀ ମହାନ୍ତି, ସୁଧୀର ରଞ୍ଜନ ତ୍ରିପାଠୀ, ଶ୍ରୀକାନ୍ତ ବଳ ପ୍ରମୁଖ ଯୋଗଦେଇ ଥିଲେ।

### ■ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

# ୨ ଦିନରେ ସମସ୍ତ କାର୍ଯ୍ୟ ଆରମ୍ଭ ନେଇ ନିର୍ଦ୍ଦେଶ

ସୁକିନ୍ଦା, ୩।୧୨(ଡି.ଏନ୍.ଏ.)



ସମୀକ୍ଷା ବୈଠକରେ ବିଧାୟକଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀ ।

ସୁକିନ୍ଦା ବ୍ଲକ କାର୍ଯ୍ୟାଳୟରେ ସୋମବାର ବିଧାୟକ ପ୍ରିତୀ ରଞ୍ଜନ ଘଡାଇଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମରେ ବ୍ଲକରେ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ସମଗ୍ର ବ୍ଲକରେ ମାତ୍ର ୫ ପ୍ରତିଶତ ଅଗ୍ରଗତି ହୋଇଥିବା ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଆଗାମୀ ୨ ଦିନ ମଧ୍ୟରେ ସମସ୍ତ କାର୍ଯ୍ୟ ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଆଖି ଦୃଶିଆ କାର୍ଯ୍ୟ ହୋଇ ନ ଥିବାରୁ ଏ ନେଇ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ । ଏହି ଅବସରରେ ବିଭାଗୀୟ ଅଧିକାରୀ ତଥା କର୍ମଚାରୀଙ୍କର ଅବହେଳା ଫଳରେ ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇ ପାରି ନ ଥିବା ବିଧାୟକ କହିବା ସହିତ ଜନସାଧାରଣଙ୍କ ସ୍ୱାର୍ଥରେ କେବେ ବି ସାଲିସ କରାଯାଇପାରିବ ନାହିଁ ବୋଲି କହଛନ୍ତି। ବିଡିଓଙ୍କୁ ଏକ ଟିମ୍ କରି କାର୍ଯ୍ୟ କରିବାକୁ ବିଧାୟକ ପରାମର୍ଶ ଦେବା ସହ ବ୍ଲକରେ ସମାପ୍ତ ହୋଇଯାଇଥିବା ସମସ୍ତ କାର୍ଯ୍ୟର ଦେୟକୁ ଅଧିକ ଦିନ ପକାଇ ନ ରଖିବାକୁ କହିଥିଲେ। ବୈଠକରେ ସୁକିନ୍ଦା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ମଣିପ୍ରସାଦ ମିଶ୍ର, ଅଧ୍ୟକ୍ଷା ପଦ୍ମାବତୀ ଜେନା, ଉପାଧ୍ୟକ୍ଷ ଦିବ୍ୟ ରଞ୍ଜନ ବରାଳ, ୩୯ ନମ୍ବର ଜିଲା ପରିଷଦ ସଦସ୍ୟା ସରୋଜିନୀ ରାଜ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସତ୍ୟଭୂଷଣ ବିଶ୍ୱାଳଙ୍କ ସମେତ ସମସ୍ତ ଯନ୍ତ୍ରୀ, ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ଷ୍ଟାଡିୟମର ୨ୟ ପର୍ଯ୍ୟାୟ ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ସୁକିନ୍ଦା, ୩।୧୨(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ସୁକିନ୍ଦା ଗ୍ରାମରେ ଥିବା ଷ୍ଟାଡିୟମର ୨ୟ ପର୍ଯ୍ୟାୟ ସମ୍ପ୍ରସାରଣ ନିମନ୍ତେ ସୋମବାର ବିଧାୟକ ପ୍ରିତି ରଞ୍ଜନ ଘଡାଇଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ପାଇଁ ୭୩ ଲକ୍ଷ ଟଙ୍କା ବ୍ୟୟ ଅଟକଳର ଟେଣ୍ଡର କରାଯାଇଥିବା ଜଣାପଡିଛି। ୨୦୧୧ ଡିସେମ୍ବର ୧୧ରେ ନାଲକୋ କମ୍ପାନୀର ଆର୍ଥିକ ସହାୟତାରେ ଉକ୍ତ ଷ୍ଟାଡିୟମ୍‌ର ଭିତ୍ତି ପ୍ରସ୍ତର ସ୍ଥାପନା କରାଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ କୌଣସି କାରଣରୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା । ଦୀର୍ଘ ବର୍ଷ ଧରି ଷ୍ଟାଡିୟମଟି ପଡି ରହିବାରୁ ଜିଲା ଖଣିଜ ପାଣ୍ଠି ଅର୍ଥରେ ଏହାର ୨ୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

### ■କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଅଭୟପୁର ପଞ୍ଚାୟତକୁ ହରାଇ ଭବାନୀପୁର ବିଜୟୀ

ଧର୍ମଶାଳା, ୩।୧୨(ଡି.ଏନ୍.ଏ.)



କେଡିଏମ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଏମ୍‌ପି ଉଦ୍‌ଘାଟନ କରୁଛନ୍ତି ।

ଧର୍ମଶାଳା ନିର୍ବାଚନମଣ୍ଡଳୀର ବଡ଼କାଏମାସ୍ଥିତ ଖେଳ ପଡ଼ିଆରେ ଚତୁର୍ଥ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯାଜପୁର ଏମ୍‌ପି ରୀତା ତରାଇ ଓ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅଭୟପୁର ପଞ୍ଚାୟତକୁ ୩ଉଇକେଟରେ ପରାସ୍ତ କରିଭବାନୀପୁର ଦଳ ବିଜୟୀ ହୋଇଛି। ଅଭୟପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରୁ ୧୪.୩ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୯୦ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଜେ.ଡି. ନାୟକ ୧୫ ରନ୍ କରିଥିବାବେଳେ ବିପକ୍ଷ ଦଳର ପ୍ରକାଶ ବେହେରା ୩ଟି ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ଜବାବରେ ଭବାନୀପୁର ଦଳ ୧୪.୨ ଓଭର୍‌ରେ ୭ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳପକ୍ଷରୁ ଜ୍ଞାନରଞ୍ଜନ ଦାସ ୩୬ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ମନୋଜ ରାଉତ ଓ ପ୍ରଭାତ ମଳିକ ୨ଟି ଲେଖାଏଁ ଉଇକେଟ ପାଇଥିଲେ। ପ୍ରତାପ ନାୟକ ଓ ଇନ୍ତେକାବ୍ ଆଲାମ୍ ଖେଳ ପରିଚାଳନା କରିଛନ୍ତି। ସ୍କୋର୍‌ରେ ବାସୁଦେବ ମିଶ୍ର , ପ୍ରକାଶ ଧଳ ସହାୟତା କରିଥିଲେ। ମଙ୍ଗଳବାର କୁମାରୀ ପଞ୍ଚାୟତ ଦଳ ସହିତ ସୁନ୍ଦରିଆ ଓ ଜାରକା ସହିତ ଚହଟା ପଞ୍ଚାୟତ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଅଧ୍ୟକ୍ଷ ବଳବନ୍ତରାୟ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ୧୫ନଂ ଜୋନ୍ ଜିଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, କେଡିଏମ୍ ଉପାଧ୍ୟକ୍ଷ ରଶ୍ମୀରଞ୍ଜନ ରାୟ ଓ ବଡ଼କାଏମା ପଞ୍ଚାୟତ ସରପଞ୍ଚ ଅକ୍ରୁର ଚରଣ ନାୟକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାରତ-ରୁଷ ଷ୍ଟାର୍ଟ ଅପ୍ ଉଦ୍ୟୋଗୀ ସମ୍ମିଳନୀରେ ଯୋଗଦେବେ ଓଡ଼ିଆ ଯୁବକ



**ନାଉଗାଁ,୩।୧୨(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତ ଅଧୀନ ଛତିଆନା ଗ୍ରାମର ପୂର୍ବତନ ନୌସେନା ଅଧିକାରୀ ତଥା ଯୁବଉଦ୍ୟୋଗୀ ବିଭୁ ପ୍ରସାଦ ସ୍ୱାଇଁ ରୁଷର ରାଜଧାନୀ ମସ୍କୋଠାରେ ପ୍ରଥମ କରି ହେଉଥିବା ଭାରତ-ରଷ ଷ୍ଟାର୍ଟ ଅପ ଉଦ୍ୟୋଗୀ ସମ୍ମିଳନୀରେ ଯୋଗ ଦେବାକୁ ମନୋନୀତ ହୋଇଛନ୍ତି। ଭାରତରୁ ପ୍ରତିନିଧିତ୍ୱ କରୁଥିବା ୧୧ ଜଣିଆ ପ୍ରତିନିଧିମଣ୍ଡଳିରେ ସେ ଏକମାତ୍ର ଓଡ଼ିଆ ଭାବେ ସ୍ଥାନ ପାଇଛନ୍ତି। ଏହି ସମ୍ମିଳନୀ ଡିସେମ୍ବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଇଟି କମ୍ପାନୀ ଇନ୍ଫୋସିସର ସହପ୍ରତିଷ୍ଠାତା ତଥା ଷ୍ଟାର୍ଟ ଅପ କାଉନସିଲର ଅଧକ୍ଷ କ୍ରିସ ଗୋପାଳକୃଷ୍ଣଙ୍କ ନେତୃତ୍ୱରେ ଉଦ୍ୟୋଗୀମାନେ ବିଭିନ୍ନ କମ୍ପାନୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ସମ୍ମିଳନୀରେ ଯୋଗ ଦେବା ପରେ ଓଡ଼ିଶାରେ ବ୍ୟବସାୟ ଅନୁକୂଳ ବାତାବରଣ ସୃଷ୍ଟି ହେବ ବୋଲି ବିଭୁ ପ୍ରକାଶ କରିଛନ୍ତି। ପୂର୍ବରୁ ବିଭୁ ଥାଇଲ୍ୟାଣ୍ଡର ବ୍ୟାଙ୍କକଠାରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଇଥିଲେ। ବିଭୁଙ୍କ ଏହି ସଫଳତା ପାଇଁ ତାଙ୍କ ବାପା ପ୍ରାଣକୃଷ୍ଣ ସ୍ୱାଇଁ, ମା'କଳ୍ପନା ସ୍ୱାଇଁଙ୍କ ସହ ସମ୍ପର୍କୀୟ ଲୋକମାନେ ଖୁସିବ୍ୟକ୍ତ କରିଛନ୍ତି।

### ଗୁରୁ ପୂଜନ ଉତ୍ସବ ପ୍ରସ୍ତୁତି

**ତିର୍ତ୍ତୋଲ,୩।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କୋଲର-ଜଇପୁରସ୍ଥିତ ଜଗନ୍ନାଥ ହାଇସ୍କୁଲର ୧୯୬୮ ମସିହା ୮ମ ଶ୍ରେଣୀ ପ୍ରବେଶ ବ୍ୟାଚ ତରଫରୁ ଗୁରୁପୂଜନ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉକ୍ତ ବ୍ୟାଚର ଛାତ୍ର ଅଧିର କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଚଳିତ ମାସ ୨୩ ତାରିଖରେ ଏହି ଉତ୍ସବ ବିଦ୍ୟାଳୟ ପରିସରରେ ପାଳନ କରିବାକୁ ସ୍ଥିର ହୋଇଥିଲା। ଗୁରୁପୂଜନ ସହ ସମ୍ବର୍ଦ୍ଧନା ସଭା, ସାମ୍ପ୍ରତିକ ପ୍ରସଙ୍ଗ ଆଲୋଚନା କାର୍ଯ୍ୟକ୍ର ହେବ ବୋଲି ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ ମିଶ୍ର, ମୋହନ ସାହୁ, ଯଦୁମଣି ମୁଦୁଲୀ, ସୁଧିର ମହାପାତ୍ର, ଧ୍ରୁବ ଚରଣ ମିଶ୍ର, ନିତ୍ୟାନନ୍ଦ ରାଉତ, ମନୋରଞ୍ଜନ ସାମଲ, ପର୍ଶୁରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ଯୁବବାହିନୀର କମ୍ବଳ ବଣ୍ଟନ

**ବାଲିଆ,୩।୧୨:** ମଙ୍ଗୁଳି ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ ରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ବାହିନୀ ସଭାପତି ସୁଚିସ୍ମିତା ସାହୁ, ସମ୍ପାଦକ ଅମୀୟ କୁମାର ପରିଜା, କୋଷାଧକ୍ଷ ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବସୁମାତା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଗୟାଧର ମହାନ୍ତି ୧୦ ଜଣଙ୍କୁ କମ୍ବଳ ପ୍ରଦାନ କରିଥିଲେ।

# ଚିନାବାଦାମ ପ୍ରତି ବିମୁଖ ହେଲେଣି ଚାଷୀ

**ନାଉଗାଁ ବ୍ଲକ**
- ସରକାରୀ ସହାୟତା, ପ୍ରୋତ୍ସାହନର ଅଭାବ
- ଅଭାବୀ ବିକ୍ରି, ହ୍ରାସପାଉଛି ଉତ୍ପାଦନ
- ଖର୍ଚ୍ଚର ଅଧା ମଧ୍ୟ ଉଠୁନାହିଁ

ନାଉଗାଁ,୩।୧୨(ସ୍ୱ.ପ୍ର.)

ସରକାରୀ ଉଦାସୀନତା, ଅଭାବି ବିକ୍ରି ଓ ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ନାଉଗାଁ ବ୍ଲକରେ ଚିନାବାଦାମ ଚାଷ ପ୍ରତି ଚାଷୀମାନେ ବିମୁଖ ହେବାରେ ଲାଗିଛନ୍ତି। ଫଳରେ ଏହି ବ୍ଲକରେ ଚିନାବାଦାମ ଭଳି ଏକ ଅର୍ଥକରି ତୈଳବୀଜ ଫସଲ ହ୍ରାସ ପାଇବାକୁ ବସିଛି। ସାଧାରଣତଃ ଏହି ଚାଷ ପାଇଁ ଦୋରସା-ବାଲିଆ ମାଟି ଆବଶ୍ୟକ। ନାଉଗାଁ ବ୍ଲକ ଦେଇ ପ୍ରବାହିତ ଦେବୀ, ଗୋବରୀ, ଅଳକା ଆଦି ନଦୀ ପଠାରେ ଏହି ଚାଷ ହୋଇଥାଏ। କୃଷି ବିଭାଗ ତଥ୍ୟ ଅନୁସାରେ ଶିଖର, ଓଷକଣା, କୋରୁଅ, ଡେରିକି, ଡାବର, ଗଜରାଜପୁର, ରୋହିଆ, ଗଳଧାରି, ବଛାଳୋ ଆଦି ପଞ୍ଚାୟତରେ ଚାଷୀମାନେ ଲଘୁ ଜାତୀୟ ଧାନ ଅମଳ କରିସାରିବା ପରେ ଚିନା ବାଦାମ ଚାଷ କରିଥାନ୍ତି। ଏହି ଚାଷ ଚାଷୀଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିଥାଏ। ମାତ୍ର କ୍ରମାଗତ ଉତ୍ପାଦନ କମିବା ଓ ଅଭାବି ବିକ୍ରି ଯୋଗୁ ଚାଷୀମାନେ ବାରମ୍ବାର କ୍ଷତି ସହୁଛନ୍ତି। ତେଣୁ ଏହି ଚାଷ ପ୍ରତି ସେମାନେ ଆଉ ଆଗଭଳି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ଚାଷ ପ୍ରାୟତଃ ଅକ୍ଟୋବର ମାସ ଶେଷ ବେଳକୁ ଆରମ୍ଭ ହୋଇଥାଏ। ୧ ଏକର ଜମି ପାଇଁ ୨୫ କି.ଗ୍ରା. ଚିନାବାଦାମ ବିହନ ଅବଶ୍ୟକ। ପୂର୍ବରୁ ସାଧାରଣତଃ ଏକର ପ୍ରତି ୮ କୁଇଣ୍ଟାଲ ବାଦାମ ଅମଳ ହେଉଥିବାବେଳେ ଗତ ୪ ବର୍ଷ ହେଲା ଉତ୍ପାଦନ ହ୍ରାସ ପାଇଛି। ଏ ସମ୍ପର୍କରେ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ କୌଣସି ପରାମର୍ଶ ଦିଆଯାଉନାହିଁ। ସେହିପରି ୫ ବର୍ଷ ହେଲା ଚାଷୀଙ୍କୁ ରିହାତି ଦରରେ ସରକାରୀ ବିହନ ମଧ୍ୟ ମିଳୁନାହିଁ। ୨୦୧୭ ରେ ଚାଷୀ ଖୋଲା ବଜାରରୁ କିଲୋ ପ୍ରତି ୭୦ ଟଙ୍କା ଦରରେ ବିହନ କିଣି ଚାଷ କରିଥିଲେ। କିନ୍ତୁ ଅମଳ ପରେ କିଲୋ ପ୍ରତି ୪୫ ଟଙ୍କା ଦରରେ ବିକ୍ରି କରିଥିଲେ। ସରକାରଙ୍କ ପକ୍ଷରୁ ବାଦାମ ବିକ୍ରି ପାଇଁ ଡେରିକିଠାରେ ମଣ୍ଡି ଖୋଲାଯାଇଥିଲେ ମଧ୍ୟ ମଣ୍ଡିରେ ଦର ବଜାରଠାରୁ କମ୍ ରହୁଥିବା ଚାଷୀ ଅଭିଯୋଗ କରିଛନ୍ତି। ୨୦୧୬ରେ ବାଦାମ କେଜି ପ୍ରତି ୫୦ରୁ ୬୦ ଟଙ୍କା ଥିବାବେଳେ ୨୦୧୮ରେ ଏହା ୨୫ ରୁ ୩୦ ଟଙ୍କାକୁ ଖସି ଆସିଥିଲା। ଅନ୍ୟପକ୍ଷରେ କୃଷି ବିଭାଗ ପକ୍ଷରୁ ଚାଷ ସମୟରେ ମାତ୍ର ହାତଗଣତି କେତୋଟି ଚିନାବାଦାମ କିଟ୍ ପ୍ରଦାନ କରାଯାଉଛି, ଯାହାକି ସମୁଦ୍ରକୁ ଶଙ୍ଖେ। ଗୋଟିଏ ପଟେ ଚିନାବାଦାମ ଚାଷ ପାଇଁ ୧ ଏକର ଜମିରେ ୧୫ ରୁ ୧୭ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଅନ୍ୟପଟେ ଅଭାବି ବିକ୍ରି ଯୋଗୁ ଅଧା ଖର୍ଚ୍ଚ ଉଠିବା କଷ୍ଟ ହେଉଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ନିର୍ମାଲ୍ୟ ନାୟକ କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ ବାଦାମ ଚାଷ ପାଇଁ ଯାହା ପ୍ରୋତ୍ସାହନ ଦିଆଯାଉଛି, ତାହା ଠିକ୍ ଭାବେ ଚାଷୀଙ୍କୁ ପ୍ରଦାନ କରାଯାଉଛି। ଏଥିସହ କୃଷି କର୍ମଚାରୀମାନେ ଯାଇ ଚାଷୀଙ୍କୁ ଆବଶ୍ୟକ ପରାମର୍ଶ ଦେଉଛନ୍ତି।



ପାରାଦୀପ ବନ୍ଦର ପୋତାଶ୍ରୟର ଆଇଓବି ବର୍ଥରେ ଏକ ଟ୍ରକ୍ ପାଣିକୁ ଓଲଟି ପଡ଼ିଛି।

# ଯୁବକଙ୍କୁ ପିଟି ହତ୍ୟା ଅଭିଯୋଗ

**୨ ଅଭିଯୁକ୍ତ ଥାନାରେ ଅଟକ**

ଜଗତ୍‌ସିଂହପୁର ଅଫିସ, ୩।୧୨

ଜଗତ୍‌ସିଂହପୁର ଥାନା ରାଇଦଣ୍ଡା (ରାଇବରାଇ)ର ଗୋପୀନାଥ ଭୋଇ ନାମକ ଜଣେ ଯୁବକଙ୍କୁ ଗତ ୩୦ ତାରିଖ ରାତି ପ୍ରାୟ ୧୧ଟାରେ ଏହି ଗାଁର ୨ ଜଣ ପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ସୋମବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦଫା ୩୦୨/୨୦୧/୩୪ ଆଇପିସି ଓ ମାମଲା ସଂଖ୍ୟା ୩୧୧/୧୮ ରୁଜୁ କରିଛି। ଏଥିସହ ଦୁଇ ଅଭିଯୁକ୍ତ ଏହି ଗ୍ରାମର ସୁଦର୍ଶନ ଭୋଇ ଓ ଦୁଃଖୀ ଭୋଇଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି।

ରାଇଦଣ୍ଡାର ଶ୍ୱେତା ଭୋଇ ଅଭିଯୋଗ କରିଛନ୍ତି ଯେ, ୩୦।୧୧।୧୮ ରାତିରେ ତାଙ୍କ ପୁତୁରା ଗୋପୀନାଥ ନିକଟସ୍ଥ ବ୍ରାହ୍ମଣସାହିକୁ ଭୋଜି ଖାଇବାକୁ ଯାଇଥିଲେ। ଘରକୁ ଫେରିବାବେଳକୁ ପଡୋଶୀ ସୁଦର୍ଶନ ଓ ଦୁଃଖୀ ତାଙ୍କୁ ପିଟି ପିଟି ଘର ପାଖରେ ପକାଇ ଦେଇଥିଲେ। ଗୋପୀନାଥଙ୍କ ଚିତ୍କାର ଶୁଣି ସେ ଘରୁ ବାହାରକୁ ବାହାରି ଆସିବା ଦେଖି ଅଭିଯୁକ୍ତମାନେ ଦୌଡ଼ି ପଳାଇଥିଲେ। ଗୁରୁତର ଅବସ୍ଥାରେ ଗୋପୀନାଥଙ୍କୁ ସେ ନିକଟସ୍ଥ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହା ପୂର୍ବରୁ ମଧ୍ୟ ଅଭିଯୁକ୍ତ ଦ୍ୱୟ ମଦ୍ୟପାନ କରି ତାଙ୍କ ସହ ପରିବାର ଲୋକଙ୍କୁ ହତ୍ୟା ଧମକ ଦେଇଥିଲେ ବୋଲି ଶ୍ୱେତା ଅଭିଯୋଗରେ ଦର୍ଶାଇଛନ୍ତି।

ସେହିପରି ତାଙ୍କ ଯାଆଙ୍କୁ ମଧ୍ୟ ଅଭିଯୁକ୍ତମାନେ ପୂର୍ବରୁ ମାରପିଟ୍ କରିଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। ସେତେବେଳେ ଅଭିଯୁକ୍ତଦ୍ୱୟ ଭୁଲ ସ୍ୱୀକାର କରିବା ସହ ଆଗକୁ ଏଭଳି କିଛି କରିବେ ନାହିଁ ବୋଲି ଲିଖିତ ଭାବେ ଜଣାଇଥିଲେ। ଅନୁରୂପ ଭାବେ ପୁତୁରାଙ୍କ ସ୍ତ୍ରୀଙ୍କ ଉପସ୍ଥିତିରେ ଦୁଃଖୀ କଟୁରୀ ଧରି ଥରେ ମାରିବାକୁ ଉଦ୍ୟମ କରିଥିଲେ। ଏହା ମଧ୍ୟ ଲୋକେ ଦେଖି ଅଟକାଇବା ସହ ବୁଝାବୁଝି କରି ସମାଧାନ କରିଥିଲେ। ସେ ଜଣେ ଗରିବ ବିଧବା ମହିଳା ଓ ପିଲାଙ୍କୁ ନେଇ ରହୁଥିବାରୁ ଏବେ ଭୟଭୀତ ହୋଇ ପଡିଛନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବାକୁ ଶ୍ୱେତା ଅନୁରୋଧ କରିଛନ୍ତି।

# ରାସ୍ତା ଶିଳାନ୍ୟାସ କଲେ ବିଧାୟକ

ବାଲିକୁଦା,୩।୧୨(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ସଂଗ୍ରାମପୁର ପଞ୍ଚାୟତର ଓଗରପୁର-ଭୋଦା ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଶିଳାନ୍ୟାସ କରିଛନ୍ତି। ସ୍ଥାନୀୟ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ ସୁଶାନ୍ତ ମହାନ୍ତି, ରବୀନ୍ଦ୍ର ନାୟକ, ପୂର୍ବତନ ସମିତିସଭ୍ୟ ଅରବିନ୍ଦ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ବିଧାୟକ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟନ କରିଥିଲେ।


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଯାଜପୁର:** ଅଜୟ କୁମାର ଯାଦବ (୭୬୦୮୯୯୮୬୦୧) **ଜଗତ୍‌ସିଂହପୁର:** ଦେବରାଜ ସାମଲ (୯୯୩୮୧୩୭୭୪୬) **କେନ୍ଦ୍ରାପଡ଼ା/କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨


# ଜିଲାପାଳଙ୍କ ଜନଶୁଣାଣିରେ ୩୫ ଅଭିଯୋଗ

ରଘୁନାଥପୁର,୩।୧୨(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାକକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ମାତ୍ର ୩୫ ଅଭିଯୋଗ କରାଯାଇଥିଲା। ଜିଲାଠାରୁ ଆରମ୍ଭ କରି ବ୍ଲକସ୍ତରର ସମସ୍ତ ଅଧିକାରୀ ଉପସ୍ଥିତ ଥିବାବେଳେ ଅଭିଯୋଗକାରୀଙ୍କ ସଂଖ୍ୟା ହ୍ରାସ ପାଇଥିଲା। ଅଭିଯୋଗଗୁଡିକ ମଧ୍ୟରେ ୨୦ଟିର ସମାଧାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଗୁଡିକ ମଧ୍ୟରେ ରାଶନ କାର୍ଡ, ଗ୍ରାମ୍ୟ ସମସ୍ୟା, ସରକାରୀ ଗୃହ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡ ସାହାଯ୍ୟ ଏବଂ ଅନ୍ୟାନ୍ୟ ଅଭିଯୋଗ ରହିଛି। ଜିଲାପାଳ ଯାମିନୀ ଷଡଙ୍ଗୀ, ଏସ୍‌ପି ପ୍ରକାଶ ଆର, ପିଡି ବିଶ୍ୱଜିତ୍ ଦାସ, ସବ୍‌କଲେକ୍ଟର ମହେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ବିଡିଓ ପଞ୍ଚାନନ ପଟାୟତ, ତହସିଲଦାର ଦେବାଶିଷ ପାତ୍ର, ଏସ୍‌ଡିପିଓ ଶିବଚରଣ ମଲ୍ଲିକ ସେମାନଙ୍କୁ ସହଯୋଗ କରିଥିଲେ। ବିଦ୍ୟାଧରପୁର ସରପଞ୍ଚ ସୂର୍ଯ୍ୟ ନାରାୟଣ ନାୟକ ବିଦ୍ୟାଧରପୁର ଗୋରଖନାଥ ନୋଡାଲ ସ୍କୁଲରେ ଥିବା ୯ ବଖରା ଅସୁରକ୍ଷିତ ଶ୍ରେଣୀଗୃହ ସମ୍ପର୍କରେ କହିଥିଲେ, ଯାହାକି କୌଣସି ମୁହୂର୍ତ୍ତରେ ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ସାବ୍ୟସ୍ତ ହୋଇପାରେ ବୋଲି ସେ ଅଭିଯୋଗ କରିଥିଲେ। ଏହାକୁ ଯଥାଶୀଘ୍ର ଭାଙ୍ଗି ଦେବାକୁ ସେ ଅନୁରୋଧ କରିଥିଲେ। ସେହିପରି ଜଗନ୍ନାଥପୁର ସମିତି ସଭ୍ୟ ମେହେବୁବ୍ ବେଗ୍‌ଙ୍କ ନେତୃତ୍ୱରେ ଜଣେ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଅସହଯୋଗ କରାଯାଉଥିବା ସମ୍ପର୍କରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଜନଶୁଣାଣିରେ ବାରମ୍ବାର ଅଭିଯୋଗ କରି ଲୋକେ ନିରାଶ ହେଉଥିବା ଏବଂ ଏ ସମ୍ପର୍କରେ ଗ୍ରାମାଞ୍ଚଳ ଜନସାଧାରଣ ଜାଣି ପାରୁ ନ ଥିବାରୁ ଅଭିଯୋଗ ସଂଖ୍ୟା କମୁଥିବା ଅନେକ ବ୍ୟକ୍ତି ମତ ରଖିଛନ୍ତି। ଡିଇଓ ପ୍ରତିଭା ମଞ୍ଜରୀ ଦାସ, ଡିପିସି ସପନ କୁମାର ଜେନା, ସିଏସଓ ଦିଲୀପ ପାତ୍ର, ଡିଏସ୍‌ଡବ୍ଲୁ ଓ ଜୟନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପାଳ ଜନସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି।




■ ପ୍ରହସନ ପାଲଟିଛି ଆବାସ ଯୋଜନା

# ଥିଲାବାଲାଙ୍କୁ ଅଛି, ଗରିବଙ୍କୁ ନାହିଁ

ବାଲିକୁଦା,୩।୧୨(ସ୍ୱ.ପ୍ର.)

ଗରିବ, ଅସହାୟଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ସରକାର ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଆଦି ଯୋଜନା କରିଛନ୍ତି। ମାତ୍ର ପରିତାପର ବିଷୟ ଅନେକ ଗରିବ ପରିବାର ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏହାର ସୁଫଳ ମିଳୁନି। ଅନ୍ୟପକ୍ଷରେ ଥିଲାବାଲା ଲୋକ ସରକାରୀ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ହାତ କରି ଏସବୁ ଯୋଜନାର ଫାଇଦା ନେଉଛନ୍ତି। ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ସାନ ଓଷକଣା(ଚାରିଆକଣ) ଗ୍ରାମରେ ଏଭଳି ଏକ ଗରିବ ପରିବାର ପକ୍କାଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମର ଗୀତାଞ୍ଜଳି ଜେନା (୭୦) ଓ ତାଙ୍କ ସ୍ୱାମୀ ଶ୍ୟାମ ସୁନ୍ଦର(୭୫) ଏକ ଭଙ୍ଗା ଚାଳିଆରେ ବସବାସ କରୁଛନ୍ତି। ଉକ୍ତ ଘର ଜୀବନ ପାଇଁ ସୁରକ୍ଷିତ ନୁହେଁ। କିନ୍ତୁ ଅର୍ଥ ଅଭାବରୁ ପକ୍କାଘର ଖଣ୍ଡେ କରିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ଗୀତାଞ୍ଜଳି କହିଛନ୍ତି ଯେ, ଥିଲା ବାଲା ଲୋକଙ୍କୁ ଘର ମିଳୁଛି। କିନ୍ତୁ ଆମର ଘର ନ ଥିବା କଥା ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇବା ପରେ ମଧ୍ୟ କିଛି ହେଉନି। ଯିଏ ଟଙ୍କା ଦେଲା, ସେ ଘର ପାଇଲା। ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ଆମ ନାଁ ଥାଇ ସୁଧା ଆମକୁ ଏଥିରୁ ବାଦ୍ ଦିଆଯାଇଛି। ଗୀତାଞ୍ଜଳି ଏବେ ମଧୁମେହ ଓ ପକ୍ଷାଘାତ ରୋଗରେ ପୀଡିତ। ବାଧହୋଇ ଶ୍ୟାମ ୭୫ ବର୍ଷ ବୟସରେ ଚାଷଜମିରେ ଖଟୁଛନ୍ତି। ପ୍ରତିମାସରେ ଗୀତାଞ୍ଜଳିଙ୍କ ପାଇଁ ଔଷଧ କିଣାଯାଉଛି। ଏ ପରିସ୍ଥିତିରେ ସେମାନେ ଘର ଖଣ୍ଡେ କରିବା କଷ୍ଟକର। ଏ ସମ୍ପର୍କରେ ସରପଞ୍ଚ ଶରତ ସେଠୀଙ୍କୁ ପଚାରିବାରେ ଆବାସ ଯୋଜନାରେ ଅନିୟମିତତା କରାଯାଇଥିବା ସ୍ୱୀକାର କରିଛନ୍ତି। ମାତ୍ର ତାହା ତାଙ୍କ ସମୟରେ ହୋଇନାହିଁ ବୋଲି ସେ କହିଛନ୍ତି। ସେହିପରି ପଞ୍ଚାୟତ ନିର୍ବାହୀ ଅଧିକାରୀ ଶିବ ପ୍ରସାଦ ସୋରେନ କହିଛନ୍ତି ଯେ, ପଞ୍ଚାୟତକୁ ଯେଉଁ ଟାର୍ଗେଟ ଆସୁଛି ତାହା ଗାଁର ଲୋକମାନଙ୍କ ହିସାବରେ ବଣ୍ଟାଯାଉଛି। ସେହି ହିସାବରେ ଚାରିଆକଣ ଗାଁର ଲୋକ ସଂଖ୍ୟା ବହୁତ କମ। ଫଳରେ ଉକ୍ତ ଗ୍ରାମକୁ କେଉଁ ବର୍ଷ ଗୋଟିଏ ଘର ମିଳୁଛି, ତ ଆଉ କେଉଁବର୍ଷ ଆଦୌ ନାହିଁ। ତେଣୁ ଗୀତାଞ୍ଜଳିଙ୍କ ପରିବାରକୁ ଘର ମିଳିନାହିଁ। ତଥାପି ଆଗାମୀ ଦିନରେ ତାଙ୍କୁ ଘର ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।



ନିଜ ଘର ଆଗରେ ଗୀତାଞ୍ଜଳି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଡିସେମ୍ବର, ୨୦୧୮



ପଡ଼ି ପଡ଼ି କଳଙ୍କି ଲାଗି କ୍ଷୟହେବା ଅପେକ୍ଷା
କାମ କରି କ୍ଷୟ ହୋଇଯିବା ଶ୍ରେୟସ୍କର।
- ରିଚାର୍ଡ କମ୍ବରଲ୍ୟାଣ୍ଡ୍



## ସଂକ୍ଷେପରେ

### ପୋଚ ଓ ମଦରନ୍ଧା ସାମଗ୍ରୀ ଜବତ, ୨ ଗିରଫ



**ଦଶପଲ୍ଲା,୩।୧୨ (ଡି.ଏନ.ଏ.):** ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ବ୍ଲକର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ବ୍ଲକର ଲୁଧାପଙ୍ଗା, ମର୍ଦ୍ଦାବାଡି, ଚିଳିପଥର, ବସନ୍ତପୁର ଓ ରଙ୍ଗମାଟିଆ ଆଦି ସ୍ଥାନରେ ଏହି ଚଢାଉ କରାଯାଇ ୫୮୦ଲିଟର ପୋଚ ନଷ୍ଟ କରାଯାଇଛି। ଏଥିସହ ବହୁ ମଦରନ୍ଧା ସାମଗ୍ରୀ ଜବତ କରାଯାଇଥିବା ବିଭାଗ ପକ୍ଷରୁ ଜଣାପଡିଛି। କୁଆଁରିଆସ୍ଥିତ ଶିଙ୍ଗଭଙ୍ଗା ଗ୍ରାମର ବିନୋଦ ନାୟକ ଓ ରଙ୍ଗମାଟିଆ ଗ୍ରାମର ଭାଗୀରଥି ଜାନିଙ୍କ ଘରେ ଚଢାଉ କରାଯାଇ ୫ଲିଟର ଲେଖାଏ ମୋଟ ୧୦ ଲିଟର ଦେଶୀମଦ ଜବତ କରାଯାଇ ଉଭୟଙ୍କୁ ଗିରଫ କରାଯାଇଛି। ଦଶପଲ୍ଲା ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ସତ୍ୟନାରାୟଣ ଦାଶଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ଏଏସ୍‌ଆଇ ସୁବାସ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ପରିଡା, ଦେବୀ ପ୍ରସାଦ ପାଣି, ଲକ୍ଷ୍ମୀଧର ବେହେରା, ହରପ୍ରିୟା ମଲିକ ପ୍ରମୁଖ ସାମିଲ ଥିଲେ।

### ଗୋକୁଳାନନ୍ଦ କ୍ରିକେଟ: ଯୋଗିଆପଲ୍ଲୀ, ବନ୍ଧହୁଡା ବିଜୟୀ

**ଖଣ୍ଡପଡା,୩।୧୨(ସ୍ୱ.ପ୍ର.):** ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳ ପଡିଆଠାରେ ରବିବାର ଆରମ୍ଭ ହୋଇଥିବା କ୍ରିକେଟ ଧମାକାର ୨ୟ ଦିବସ ସୋମବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଧହୁଡା ଓ ଯୋଗିଆପଲ୍ଲୀ କ୍ରିକେଟ ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ବନ୍ଧହୁଡା କ୍ରିକେଟ କ୍ଲବ ୧୨ ଓଭରରେ ୮ ଉଇକେଟ ବିନିମୟରେ ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ଭୋଗଡା କ୍ରିକେଟ ଆସୋସିଏଶନ ୧୨ ଓଭରରେ ୯ ଉଇକେଟ ରେ ୧୪୮ ରନ ସଂଗ୍ରହ କରିଥିଲା। ଫଳରେ ବନ୍ଧହୁଡା ଦଳ ୧ ରନରେ ଭୋଗଡାକୁ ହରାଇ ବିଜୟୀ ହୋଇଛି। ବିଜୟୀ ଦଳର ମିଥୁନ ମ୍ୟାନ ଅଫଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେହିପରି ୨ୟ ମ୍ୟାଚରେ ଡ଼ିମିରିଆ କ୍ରିକେଟ କ୍ଲବ ୯.୨ ଓଭରରେ ୧୦ ଉଇକେଟ ବିନିମୟରେ ୬୪ ରନ ସଂଗ୍ରହ କରିଥିଲା। ଜବାବରେ ଯୋଗିଆପଲ୍ଲୀ କ୍ରିକେଟ କ୍ଲବ ୯.୪ ଓଭରରେ ଗୋଟିଏ ଉଇକେଟ ବିନିମୟରେ ୬୫ ରନ ସଂଗ୍ରହ କରି ବିଜୟୀ ହୋଇଛି। ବିଜୟୀ ଦଳର କାହ୍ନୁ ମ୍ୟାନ ଅଫଦି ମ୍ୟାଚ ବିବେଚିତ ହୋଇଛନ୍ତି। ଉକ୍ତ ଖେଳକୁ ସୂର୍ଯ୍ୟ ନାରାୟଣ ପରମଗୁରୁ ଓ ବରୁଣ ରାଉଳ ପରିଚାଳନା କରିଥିଲେ।

# ଜିଲ୍ଲା କଂଗ୍ରେସର ବିକ୍ଷୋଭ ସମାବେଶ

**ନୟାଗଡ଼ ଅଫିସ,୩।୧୨**

- ଚେନ୍ ଛିଣ୍ଡାଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିଲେ କର୍ମୀ
- ବ୍ରହ୍ମ ବିଭ୍ରାଟର ସିବିଆଇ ତଦନ୍ତ ସହ ବିଧାୟକଙ୍କ ଗିରଫ ଦାବି କଲେ



କଂଗ୍ରେସର ନେତା ଓ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶୁଛନ୍ତି।

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ପରିବର୍ତ୍ତନ ବେଳେ ହୋଇଥିବା ବିଭ୍ରାଟର ସିବିଆଇ ତଦନ୍ତ, ତତ୍କାଳୀନ ଆଇନମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଗିରଫ ଦାବିରେ ସୋମବାର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏପରିକି ଦଳର କର୍ମୀ ଓ ନେତାମାନେ ପୋଲିସ ଉପସ୍ଥିତିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଗେଟ୍‌ରେ ଲାଗିଥିବା ଚେନ୍ ଛିଣ୍ଡାଇ ଭିତରକୁ ଧସେଇ ପଶିଥିଲେ। ଅପରାହ୍ନରେ ସିନ୍ଦୂରିଆରୁ କଂଗ୍ରେସ କର୍ମୀମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ବିଜେଡି ବିରୋଧରେ ନାରାବାଜି ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ନୀତି ଦୁର୍ନୀତିରେ ପରିଣତ ହୋଇଥିବା କହିଥିଲେ। ବହୁଚର୍ଚ୍ଚିତ ନବକଳେବର ସମୟରେ ହୋଇଥିବା ବ୍ରହ୍ମ ବିଭ୍ରାଟ, ଦାରୁ ଚୟନରେ ଫିକ୍ସିଂ, ବ୍ରହ୍ମ ପରିବର୍ତ୍ତନର ଗୁପ୍ତନୀତି ଭଙ୍ଗ କରିବା ଘଟଣାରେ ନୟାଗଡ଼ ବିଧାୟକ ସାହୁଙ୍କ ହାତ ଥିବା କଂଗ୍ରେସ ଅଭିଯୋଗ କରିଥିଲା, ଯାହାକି ଶହ ଶହ ବର୍ଷର ପରମ୍ପରାକୁ ଭଙ୍ଗ କରିଛି। କେତେକ ନିର୍ଦ୍ଦିଷ୍ଟ ଦଇତାପତିଙ୍କ ବ୍ରହ୍ମ ଦର୍ଶନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ, ଶ୍ରୀମନ୍ଦିର ପ୍ରଶାସନ ଏବଂ ତତ୍କାଳୀନ ଆଇନମନ୍ତ୍ରୀ ତଥା ବିଧାୟକ ସାହୁଙ୍କୁ ଦାୟୀ କରିଥିଲେ। ତେଣୁ ବିଧାୟକ ସାହୁଙ୍କୁ ଗିରଫ ଓ ଏହି ଘଟଣାର ସିବିଆଇ ତଦନ୍ତ ଦାବିରେ ୫ ତାରିଖରେ ଭୁବନେଶ୍ୱର ସିବିଆଇ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ ସୂଚନା ଦେଇଥିଲେ। ସେହିପରି ଛବି ବର୍ଦ୍ଧନ ହତ୍ୟାକାଣ୍ଡର ଗୁମର ଖୋଲିବା ପାଇଁ ଜିଲା କଂଗ୍ରେସ ସୁପ୍ରିମ୍‌କୋର୍ଟ ଯିବ ବୋଲି ସଭାପତି ଦାଶ ପ୍ରକାଶ କରିଥିଲେ। ମଧ୍ୟାହ୍ନ ୧୨ଟାରୁ ଆରମ୍ଭ ହୋଇଥିବା ସମାବେଶ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ପରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ବିକ୍ଷୋଭ ସ୍ଥଳକୁ ଆସି କଂଗ୍ରେସ ନେତାମାନଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ସମାବେଶରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପିସିସି ଦଳିତ ସେଲ୍ ଅଧ୍ୟକ୍ଷ ବିଭୂପ୍ରସାଦ ତରେଇ, ପ୍ରଦେଶ ମହିଳା କଂଗ୍ରେସ ଉପସଭାପତି ଶୁଭଶ୍ରୀ ପଣ୍ଡା, ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ହୁସେନ ଖାଁ, ମନୋଜ କୁମାର ସାହୁ, କମଳ ଚରଣ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିକ୍ଷୋଭରେ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

ଝିଅକୁ ତଣ୍ଟିଚିପି ହତ୍ୟା କରିଥିବା ନେଇ ପରିବାରର ଅଭିଯୋଗ

# ଏସ୍‌ପିଙ୍କୁ ଭେଟି ଶାଶୁ, ଶ୍ୱଶୁରଙ୍କୁ ଗିରଫ ଦାବି

**ନୟାଗଡ଼ ଅଫିସ,୩।୧୨**



ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଆସିଥିବା କବିତାଙ୍କ ଭାଇ ଓ ଭିଣୋଇ।

ନୟାଗଡ଼ ଜିଲା ଦଶପଲ୍ଲା ଥାନା କୃଷ୍ଣଚନ୍ଦ୍ରପୁରପାଟଣା ଗ୍ରାମରେ ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇ ତଣ୍ଟିଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ମୃତା ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ଉଭୟ ଶାଶୁ, ଶ୍ୱଶୁର ସମ୍ପୃକ୍ତ ଥିବାରୁ ସେମାନଙ୍କୁ ଗିରଫ କରିବା ସହ ଏହାର ତଦନ୍ତ କରିବାକୁ ମହିଳାଙ୍କ ପରିବାର ଲୋକେ ସୋମବାର ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ପ୍ରକାଶ ଯେ, ଗଣିଆ ଥାନା କେଉଟସାହିର ଭଗବାନ ସାହୁଙ୍କ ଝିଅ କବିତା କୃଷ୍ଣଚନ୍ଦ୍ରପୁରପାଟଣା ଗ୍ରାମର ସନ୍ତୋଷ କୁମାର ସାହୁଙ୍କୁ ୫ବର୍ଷ ପୂର୍ବେ ବିବାହ କରିଥିଲେ। ସେମାନଙ୍କର ଦୁଇଟି ସନ୍ତାନ ରହିଛନ୍ତି। କିଛିମାସ ତଳେ ଯୌତୁକ ବାବଦକୁ ଅଧିକ ୧ଲକ୍ଷ ଟଙ୍କା ଓ ପିକ୍‌ଅପ ଗାଡ଼ି ଦାବି କରି ଶାଶୁଘର ଲୋକେ କବିତାଙ୍କ ଉପରେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। କବିତା ଏ ସମ୍ପର୍କରେ ବାପଘରକୁ ଜଣାଇଥିଲେ ମଧ୍ୟ ତାଙ୍କ ବାପା ଅସାମର୍ଥ୍ୟତା ପ୍ରକାଶ କରିଥିଲେ। ଏପରିସ୍ଥଳେ ଗତ ନଭେମ୍ବର ୨୩ ତାରିଖରେ ଶାଶୁଘର ଲୋକେ କବିତାଙ୍କୁ ତଣ୍ଟି ଚିପି ମାରି ଦେଇଥିବା ଅଭିଯୋଗ ହୋଇଥିଲା। ଦଶପଲ୍ଲା ଥାନାରେ ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୬୪/୧୮) ରୁଜୁ କରି ସ୍ୱାମୀ ସନ୍ତୋଷଙ୍କୁ ଗିରଫ କରିଥିଲା। ଅନ୍ୟପଟେ କବିତା ନିଜେ ବିଷ ପିଇଥିବା ଦର୍ଶାଇ ପୋଲିସ ଶାଶୁ, ଶ୍ୱଶୁରଙ୍କୁ ଛାଡି ଦେଇଥିଲା। ସାନ ନାତି ଆଶୁତୋଷଙ୍କୁ ସନ୍ତୋଷଙ୍କ ପରିବାର ଲୋକେ ଛାଡ଼ି ନ ଥିବାବେଳେ ଯୌତୁକରେ ଦେଇଥିବା ସମସ୍ତ ସୁନାଗହଣା, ୭୦ ହଜାର ଟଙ୍କା ଓ ଅନ୍ୟାନ୍ୟ ଆସବାବ ସାମଗ୍ରୀ ହସ୍ତାନ୍ତର କରି ନ ଥିବା ଭଗବାନ ସାହୁ ପ୍ରକାଶ କରିଛନ୍ତି। ତେଣୁ ଏହାର ସମାଧାନ ପାଇଁ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଥିବାବେଳେ କବିତାଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ଭେଟିଥିଲେ। ଏସ୍‌ପି ଶଶିଭୂଷଣ ଶତପଥୀ ଏହାର ତଦନ୍ତ କରିବେ ବୋଲି ମହିଳାଙ୍କ ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି।

# ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିମାନଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

**ନୟାଗଡ଼ ଅଫିସ,୩।୧୨**

## କେରଳ ୧-୦ ଗୋଲ୍‌ରେ ବିଜୟୀ

୭୮୬ ୟୁଥ୍‌କ୍ଲବ ସିନ୍ଦୂରିଆ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ନୟାଗଡ଼ ସହରସ୍ଥିତ ଖେଳପଡ଼ିଆଠାରେ ସୋମବାର ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଡ.ଏନ୍ ତିରୁମାଲା ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ କେରଳ ପୋଲିସ ଟିମ୍ ଓ ସ୍ପୋର୍ଟସ୍ ହଷ୍ଟେଲ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧର ୧୫ ମିନିଟ ପରେ କେରଳ ଦଳର ସୁଜିଲ ଏନ୍ ଏସ୍ ପ୍ରଥମ ଗୋଲ୍ କରିଥିଲେ। ପରେ ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଆଉ କୌଣସି ଗୋଲ୍ ହୋଇ ନ ପାରିବାରୁ କେରଳ ଦଳ ୧-୦ରେ ବିଜୟୀ ହୋଇଥିଲା। ଏସ୍‌ପି ଶଶିଭୂଷଣ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ପଟ୍ଟନାୟକ, କମିଟି ସଭାପତି ଶେଖ୍ ଇସୁବ୍, ରାଧାଶ୍ୟାମ ମୋହତା, ଶେଖ ନଇମ୍, ଆରିଫ ଖାଁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସୁନୀଲଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟ ରେଫରିଭାବେ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ଅଶୋକ କୁମାର କହଁର, ଶେଷଦେବ ବେହେରା ଓ ଜ୍ୟୋତିରଞ୍ଜନ ସାହୁ ସହାୟତା କରିଥିଲେ। ମଙ୍ଗଳବାର ସିଗ୍ନାଲ୍ ଏଫସି ଗୋଆ ଓ ସଂଘର୍ଷ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ସଦସ୍ୟ ଲକ୍ଷ୍ମଣ ମଲ୍ଲ ସୂଚନା ଦେଇଛନ୍ତି।

# ଦରମା ନ ପାଇ ଜିଲାପାଳଙ୍କୁ ଭେଟିଲେ ଏସ୍‌ଇଏମ୍

**ନୂଆଗାଁ,୩।୧୨(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ସୋରଡା ପଞ୍ଚାୟତର ଜଣେ ବ୍ୟକ୍ତି ସିକ୍ରିଡା ଓ ସୋରଡା ପଞ୍ଚାୟତରେ ପମ୍ପ ଅପରେଟର (ଏସ୍‌ଇଏମ୍) ଭାବେ କାର୍ଯ୍ୟକରି ଦରମା ନ ପାଇବା ନେଇ ସୋମବାର ଜିଲାପାଳଙ୍କୁ ଭେଟିଛନ୍ତି। ଅଭିଯୋଗ ଅନୁଯାୟୀ, ସୋରଡା ପଞ୍ଚାୟତର ସନାତନ ନାୟକ ସିକ୍ରିଡା ପଞ୍ଚାୟତ ସାଧାରଣ ଅଧିବେଶନ ଚିଠି ଏବଂ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀଙ୍କ ଆଦେଶ ପାଇ ସିକ୍ରିଡା ପଞ୍ଚାୟତର ଏସ୍‌ଇଏମ୍ ଭାବେ ୨୦୧୧ ଫେବୃୟାରୀଠାରୁ କାର୍ଯ୍ୟ କରି ଆସୁଥିଲେ। ସିକ୍ରିଡା ପଞ୍ଚାୟତ ବିଭାଜନ ପରେ ନୂତନ ଭାବେ ଗଠିତ ସୋରଡାରେ ମଧ୍ୟ କିଛି ମାସ କାର୍ଯ୍ୟ କରିଛନ୍ତି। କିନ୍ତୁ ଏସ୍‌ଇଏମ୍ ନାୟକ ୧୯ ମାସର ଦରମା ପାଇନାହାନ୍ତି। ଏ ନେଇ ନାୟକ ନୂଆଗାଁ ବିଡିଓଙ୍କୁ ବାରମ୍ବାର ଗୁହାରି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ତେଣୁ ନାୟକ ସୋମବାର ନୟାଗଡ଼ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇ ୧୯ ମାସର ପ୍ରାପ୍ୟ ଦାବି କରିବା ସହ ଦରମା ଦେବାରେ ଅନିୟମିତତା କରିଥିବା କର୍ମଚାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

ତହସିଲ ଓ ହାଇସ୍କୁଲ କମ୍ପ୍ୟୁଟର ଅପରେଟର, ଶିକ୍ଷକଙ୍କ କାର୍ଯ୍ୟବନ୍ଦ

# ତହସିଲ ଅଫିସରେ ଦୈନିକ କାର୍ଯ୍ୟ ବାଧାପ୍ରାପ୍ତ

**ଓଡ଼ଗାଁ, ୩।୧୨(ସ୍ୱ.ପ୍ର.)**

ନିୟମିତ ଚାକିରୀ ଦାବିରେ ସାରା ରାଜ୍ୟରେ ବିଭିନ୍ନ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଡାଟା ଏଣ୍ଟ୍ରି ଅପରେଟର ଓ ବିଭିନ୍ନ ହାଇସ୍କୁଲରେ ଠିକା ଭିତ୍ତିକ ନିଯୁକ୍ତି ପାଇଥିବା କମ୍ପ୍ୟୁଟର ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। କମ୍ପ୍ୟୁଟର ଅପେରଟରମାନେ ପ୍ରାୟ ଦୁଇସପ୍ତାହ ହେଲା ସାମୂହିକ ଭାବେ ଛୁଟିରେ ଯିବା ସହିତ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏଥିରେ ନୟାଗଡ ଜିଲାର ସମସ୍ତ ତହସିଲ ସହିତ ଓଡଗାଁ ତହସିଲ ବିଶେଷ ଭାବେ ପ୍ରଭାବିତ। ଏହି ତହସିଲ ଉପରେ ସଦର ଏନଏସି ସହିତ ୩୭ ପଞ୍ଚାୟତର ଲୋକେ ନିର୍ଭରଶୀଳ। କେତେକ ପଞ୍ଚାୟତ ବାସିନ୍ଦା ପାଖାପାଖି ୩୦କିମି ଦୂରରୁ ବିଭିନ୍ନ କାର୍ଯ୍ୟପାଇଁ ତହସିଲ କାର୍ଯ୍ୟାଳୟକୁ ଆସିଥାନ୍ତି। ହେଲେ କମ୍ପ୍ୟୁଟର ଡାଟା ଏଣ୍ଟ୍ରି ଅପେରଟରଙ୍କ ଅନୁପସ୍ଥିତି କାରଣରୁ ଲୋକମାନେ ବିଭିନ୍ନ ପ୍ରମାଣ ପତ୍ର ଓ ପଟ୍ଟା କବଲା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ସମସ୍ତ ହାଇସ୍କୁଲରେ କାର୍ଯ୍ୟ କରୁଥିବା କମ୍ପ୍ୟୁଟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଚଳିତବର୍ଷ ମାଟ୍ରିକ ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣରେ ଅସୁବିଧା ଦେଖାଦେଇଛି। ଗତ ମାସ ୨୬ ତାରିଖଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଅନ୍ୟପକ୍ଷେ ଠିକାଭିତ୍ତିକ ନିଯୁକ୍ତି ପାଇଥିବା ଅପେରଟରମାନେ ପ୍ରାୟ ୧୧ବର୍ଷ ହେଲେ ଖଟୁଥିବା ବେଳେ ସେମାନଙ୍କ ମାତ୍ର ୮ ହଜାର ଟଙ୍କାରୁ ସାମାନ୍ୟ କିଛି ଅଧିକ ମିଳୁଥିବା ଏଠାକାର ତହସିଲ ଅଫିସରେ କାର୍ଯ୍ୟ କରୁଥିବା ସୌମ୍ୟରଞ୍ଜନ ପ୍ରକାଶ କରିଛନ୍ତି। ଏ ନେଇ ସ୍ଥାନୀୟ ତହସିଲଦାର ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ସେ ସାମୟିକ ଭାବେ କେତେକ ସହକାରୀ ଆରଆଇ ଓ କର୍ମଚାରୀଙ୍କ ସାହାଯ୍ୟରେ ଜରୁରୀ କାର୍ଯ୍ୟ କରୁଥିବା ବେଳେ ନିଶ୍ଚିତ ଭାବେ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା କଥାକୁ ସ୍ୱୀକାର କରିଥିଲେ। ଏ ନେଇ ସରକାର ତୁରନ୍ତ ବିଚାର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶିତ

**ଟାଙ୍ଗୀ(ଖୋର୍ଦ୍ଧା),୩।୧୨(ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ୍‌ର ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ୩ୟ ଓ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଓ ମେଧା ତଥା ଦାରିଦ୍ର୍ୟ ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ୨୮ ଜଣ ପରୀକ୍ଷାର୍ଥୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୩ୟ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷାରେ ନୂଆପଡ଼ାର ଅବିନାଶ ଜେନା, ଅଚ୍ୟୁତପୁରର ଆନନ୍ଦ ସାହୁ ଓ ବନଜା ମହାରଣା, ରାଉଳସାହିର ଶିବାନୀ ମହାରଣା ପ୍ରମୁଖ ଉତ୍ତୀର୍ଣ୍ଣ ହୋଇଛନ୍ତି। ମେଧା ତଥା ଦାରିଦ୍ର୍ୟ ବୃତ୍ତି ପରୀକ୍ଷାରେ ରମାବିଲର କୁମାରୀ ସୋନାଲୀ ସାମନ୍ତରାୟ, ନିରାକାରପୁରର ଓମ୍ ପ୍ରକାଶ ବାରିକ ଓ ସୁନ୍ଦରପୁରର ସୁପ୍ରିୟା ପାତ୍ର ପ୍ରମୁଖ କୃତିତ୍ୱ ହାସଲ କରିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ସେହିପରି ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସରପାଗିର ରୀତାଞ୍ଜଳି ବେହେରା ଓ ରୋଜାଲିନ୍ ସାହୁ, କମାଗୁରୁର ରୀତିଶା ସୌମାଶ୍ରୀ ବିଶ୍ୱାଳ ଏବଂ ଦୟଣାସାହିର ସୁବ୍ରତ ସାହୁ କୃତିତ୍ୱ ଅର୍ଜନ କରିଥିବା ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ମାଳ ସଂରକ୍ଷିତ ଜଙ୍ଗଲ

# ବେଧଡ଼କ ଚାଲିଛି ବନ୍ୟଜନ୍ତୁ ଶିକାର

**ରଣପୁର,୩।୧୨(ସ୍ୱ.ପ୍ର.)**

## ଜାଣି ଅଜଣା ବନ ବିଭାଗ

ଖୋର୍ଦ୍ଧା ଜିଲା ବନଖଣ୍ଡ ଅଧୀନ ନୟାଗଡ଼ ଜିଲା ରଣପୁର ବନ ବିଭାଗ ଅନ୍ତର୍ଗତ ମାଳ ସଂରକ୍ଷିତ ଜଙ୍ଗଲରେ ପଶି ଶିକାରୀମାନେ ବନ୍ଧୁକ ଏବଂ ଯନ୍ତା ଫାଶ ସାହାଯ୍ୟରେ ବେଧଡ଼କ ଭାବେ ବନ୍ୟଜନ୍ତୁ ଶିକାର କରୁଛନ୍ତି। ଜନ୍ତୁମାନଙ୍କୁ ମାରି ମାଂସ ବଜାରରେ ବିକ୍ରି କରାଯାଉଥିବାବେଳେ ବନବିଭାଗ ଜାଣି ଅଜଣା ରହୁଛି। ଶିକାରୀମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବନ୍ୟଜନ୍ତୁ ଶିକାର ଏଠାରେ ନିତି ଦିନରେ ପରିଣତ ହୋଇଗଲାଣି। ଶନିବାର ରାତିରେ ମାଳ ସଂରକ୍ଷିତ ଜଙ୍ଗଲରେ ଫାଶ ଯନ୍ତା ବସାଇ ଶିକାରୀମାନେ ଏକ କୁଟୁରାକୁ ମାରି ଦେଇଛନ୍ତି। ପରେ କୁଟୁରାକୁ କାଟି ତା'ର ମାଂସ ନିଜ ନିଜ ଭିତରେ ଭାଗବଣ୍ଟା କରିଛନ୍ତି। ସୂଚନାଯୋଗ୍ୟ ଗତ ନଭେମ୍ବର ୧୮ ତାରିଖରେ ଶିକାରୀମାନେ ଜଙ୍ଗଲରେ ଫାଶ ବସାଇ ଏକ ବାର୍‌ହାକୁ ମାରିଥିଲେ। ସେହିପରି ଏହି ଜଙ୍ଗଲରେ ଥିବା ମୂଲ୍ୟବାନ ଶାଗୁଆନ ଗଛଗୁଡିକୁ କାଠ ଚୋରମାନେ ଦିନ ଦ୍ୱିପ୍ରହରରେ କାଟି ନେଉଥିଲା ବେଳେ ବନବିଭାଗ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନାହିଁ। ବନ୍ୟଜନ୍ତୁ ଶିକାର ଓ ଗଛକଟା ସମ୍ପର୍କରେ ସ୍ଥାନୀୟ ଲୋକମାନେ ବନବିଭାଗରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏ ସମ୍ପର୍କରେ ରଣପୁର ବନ ବିଭାଗର ଏସିଏଫ୍ ଶ୍ରୀନିବାସ ରଥଙ୍କୁ ପଚାରିବାରୁ ସେ କୁହନ୍ତି ଏ ବିଷୟରେ ମୁଁ ଅବଗତ ନାହିଁ। ଖୋର୍ଦ୍ଧା ଡିଏଫ୍‌ଓଙ୍କୁ ପଚାରିବାରୁ ସେ ଏହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।



ପିଟି ମାରିଦେବା ପୂର୍ବରୁ ଫାଶ ପକାଯାଇ ହରିଣକୁ ଧରାଯାଇଛି।

# ବିଶ୍ୱ ଭିନ୍ନକ୍ଷମ ଦିବସ: ଅକ୍ଷମ ନୁହନ୍ତି ଦିବ୍ୟାଙ୍ଗ

**ଗଣିଆ,୩।୧୨(ଡି.ଏନ.ଏ.)**

ଗଣିଆ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ସୋମବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗଣିଆ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠଠାରୁ ଏକ ଶୋଭାଯାତ୍ରା ବାହାରି ଗଣିଆ ଗାଁ ଓ ବଜାର ପରିକ୍ରମା କରିଥିଲା। ପରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଭ୍ୟ ମହେଶ୍ୱର ମହାରଣା, ସମ୍ମାନିତ ଅତିଥି ଭାବେ ଗଣିଆ ସରପଞ୍ଚ ସସ୍ମିତା ଲେଙ୍କା, କିଶୋରପ୍ରସାଦ ସରପଞ୍ଚ ପ୍ରଫୁଲ୍ଲ କୁମାର ବେହେରା, ଛାମୁଣ୍ଡିଆ ସରପଞ୍ଚ ମଙ୍ଗୁଲୁ ସାହୁ, କିଶୋରଚନ୍ଦ୍ର ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଧାନୀ ବୃନ୍ଦାବନ ମହାପାତ୍ର, ବ୍ଲକ ସହ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଗୌରାଙ୍ଗ ଚରଣ ପରିଡା ଓ ରାଜକିଶୋର ମହାରଣା ପ୍ରମୁଖ ଯୋଗଦେଇଥିଲେ। ଦିବ୍ୟାଙ୍ଗମାନଙ୍କୁ କେବେହେଲେ ଅକ୍ଷମ ବୋଲି ମନେକରିବା ଅନୁଚିତ। ସେମାନଙ୍କୁ ସବୁ ସମୟରେ ଆଦର, ଉତ୍ସାହ କରିବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସିଆରସିସି ସୁନୀଲ କୁମାର ସାହୁ ଓ ପ୍ରଶାନ୍ତ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ। ସେହିପରି ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ସୁଲୋଚନା ସାହୁ, ଅନାମିକା ମିଶ୍ର, ମିନତିବାଳା ସାହୁ ଓ ଶିକ୍ଷା ସ୍ୱେଚ୍ଛାସେବୀ ଭରତ କୁମାର ସାହୁ, ପ୍ରମୋଦ କୁମାର ନାୟକ ସହଯୋଗ କରିଥିଲେ।





ସଚେତନତା ଶୋଭାଯାତ୍ରାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର।

**ନୟାଗଡ଼ ଅଫିସ:** ଜିଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସୋମବାର ଇଟାମାଟିସ୍ଥିତ ଆଶୀର୍ବାଦ କଲ୍ୟାଣ ମଣ୍ଡପଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହାଇଯାଇଛି। ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରସନ୍ନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭିନ୍ନକ୍ଷମମାନଙ୍କ ପାଇଁ ଥିବା ବିଭିନ୍ନ ବିଧିବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସବଜଜ୍ ମୁଷାରତ୍ ଜାହିନ୍, ସଚିବ ସୁନୀତା କୁମାରୀ ଖଣ୍ଡେଲୱାଲ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜଶ୍ରୀ ପଟ୍ଟନାୟକ, ସାମାଜିକ କର୍ମୀ ଅରୁଣ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଭିନ୍ନକ୍ଷମମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଫୁଲ୍ଲ କୁମାର ବେହେରା, ଅମିତା ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଲିପ୍‌ସା ଦାସ, ଜିନୁ ସାହୁ, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ପାରାଲିଗାଲ୍ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ନୟାଗଡ଼ ପୋଲିସ ପଡ଼ିଆଠାରେ ଜିଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

**ନୂଆଗାଁ,(ଡି.ଏନ.ଏ.):** ନୟାଗଡ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ସୋମବାର ବ୍ଲକସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲା ସ୍ତରରୁ ଏକ ଭୋଟଦାନ ମେଶିନ ଆଣି ସେମାନଙ୍କୁ ସରଳ ଭାବରେ ବୁଝାଇ ଦିଆଯାଇଥିଲା। ଉପସ୍ଥିତ ଥିବା ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟମାନେ ମଧ୍ୟ ମେଶିନରେ ସୁଇଚ୍ ଟିପି ମତଦାନ କରିବାର ଡେମୋ ଦେଖିଥିଲେ। ଦିବ୍ୟାଙ୍ଗମାନେ ଭୋଟ ଦେବା ପାଇଁ କିଭଳି ବ୍ୟବସ୍ଥା କରାଯାଇଛି ସେ ବିଷୟରେ ଗ୍ରାମ ପଞ୍ଚାୟତ ଅଧିକାରୀ କବିତା ପ୍ରଧାନ ସୂଚନା ଦେଇଥିଲେ। ନୂଆଗାଁରେ ଅନେକ ଦିବ୍ୟାଙ୍ଗ ଥିଲେ ମଧ୍ୟ ପ୍ରଚାର ପ୍ରସାର ଅଭାବରୁ ଅନେକେ ଏହି କାର୍ଯ୍ୟକ୍ରମ ବିଷୟରେ ଜାଣି ନ ଥିଲେ। ଫଳରେ ଅଳ୍ପ କିଛି ହାତଗଣତି ଦିବ୍ୟାଙ୍ଗଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାଡ୍। ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ।

